ବର୍ଷ-୨୪, ସଂଖ୍ୟା-୧୭୧
ଭୁବନେଶ୍ୱର
୨୧ ଜୁଲାଇ, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 171
Bhubaneswar
21 July, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

### ଶେଷ ହେଲା ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦିଆଯିବ ନାହିଁ

**ପୁରୀ,୨୦।୭(ମହାଭାରତ):** ସରକାର ଗଠନ କରିବା ପରେ ପ୍ରଥମ ଥର ପାଇଁ ପୁରୀଠାରେ ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆଜି ମୁଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୩୮ତମ ଦିନ । ଦୀର୍ଘ ଦଶନ୍ଧିର ସଂଘର୍ଷ ପରେ ବିଜେପି ପୂର୍ଣ୍ଣସଂଖ୍ୟା ଗରିଷ୍ଠତା ପାଇଛି । ପ୍ରଥମଥର ପାଇଁ ବିଜେପି ଓଡ଼ିଶାକୁ ନିଜସ୍ୱ ମୁଖ୍ୟମନ୍ତ୍ରୀ ଦେଇଛି । ମୁଁ କୃତଜ୍ଞ, ଆପଣମାନଙ୍କ ଆଶୀର୍ବାଦରୁ ମୁଁ ମୁଖ୍ୟମନ୍ତ୍ରୀ ହୋଇଛି । ମୁଖ୍ୟମନ୍ତ୍ରୀଙ୍କୁ ପଦ ନୁହେଁ ଜଣେ ସମର୍ପିତ କାର୍ଯ୍ୟକର୍ତ୍ତାଭାବେ ଦାୟିତ୍ୱ ଗ୍ରହଣ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଆମକୁ ଶାହା ହୋଇଛନ୍ତି । ଆମେ ମହାପ୍ରଭୁଙ୍କ ନାଁରେ ଓଡ଼ିଆ ଅସ୍ମିତାର ଲଢ଼େଇ କରିଥିଲୁ । ମୁଁ ଶପଥ ନେବା ପରେ ପ୍ରଥମେ କ୍ୟାବିନେଟ୍‌ରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବାର ନିଷ୍ପତି ହେଲା, ୫୦୦କୋଟିର କର୍ପସ ଫଣ୍ଡ ବ୍ୟବସ୍ଥା ହେଲା, ଭକ୍ତ ଭଗବାନଙ୍କ ଭିତରେ ମନୁଷ୍ୟକୃତ ଅହଂକାରୀ ପାଚେରୀ ଭଙ୍ଗା ଗଲା । ରତ୍ନଭଣ୍ଡାର ତାଲା ମଧ ଖୋଲା ଗଲା । ୨୫ବର୍ଷ ସରକାରରେ ମୁଖ୍ୟମନ୍ତ୍ରୀ ଲୋକଙ୍କର ପାଖରେ ନଥିଲେ । ନବୀନ ବାବୁ ଦୀର୍ଘଦିନ ଶାସନରେ ରହିବି ଖଣ୍ଟି ଓଡ଼ିଆ କହି ଓଡ଼ିଆଙ୍କୁ ଅପମାନିତ କରୁଥିଲେ । ମୁଁ ଓଡ଼ିଆ, ୨୪ଘଂଟା କଠିନ ପରିଶ୍ରମ କରିବାର ଶପଥ ନେଇଛି । ଶପଥର



୩୮ଦିନ ଭିତରେ ଗୋଟିଏ ଦିନ ନାହିଁ ଓଡ଼ିଶାବାସୀଙ୍କୁ ଗୁହାରି ଶୁଣିନାହିଁ । ସଂକଳ୍ପପତ୍ର ଆମ କାମର ଆଧାର । ସାଧାରଣ ସଭାରେ ନୁହେଁ ଏନଡିଏ ସାଂସଦଙ୍କ ଯୁଗ୍ମ ବୈଠକରେ ମୋଦି କହିଥିଲେ, ଓଡ଼ିଶାରେ ନୂତନ କ୍ରାନ୍ତି ଆସିଛି । ଆଗାମୀ ୨୫ ବର୍ଷ ପାଇଁ ଦେଶର ବିକାଶ ଯାତ୍ରାର ଏକ ନମ୍ବର ଇଂଜିନ ହେବ ଓଡ଼ିଶା । ପ୍ରଧାନମନ୍ତ୍ରୀଙ୍କ ଏହା ଭାଷଣ ନଥିଲା, ଥିଲା ତାଙ୍କର ପ୍ରତିବଦ୍ଧତା । ମୋଦୀଙ୍କ ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରି ଓଡ଼ିଆ ଲୋକଙ୍କ ହୃଦୟ ଜିତିବାର ଦାୟିତ୍ୱ ଏବେ ଆମ ହାତରେ । ଗତ ୧୦ବର୍ଷରେ ମୋଦି ସରକାରରେ ଓଡ଼ିଶାକୁ ପ୍ରଚୁର ଅର୍ଥ ଆସିଛି । ବିଶେଷ ଭାବରେ ମୋଦି ସରକାରଙ୍କ ଖଣିନୀତି ପାଇଁ ପ୍ରଚୁର ଅର୍ଥ ମିଳିଛି । ୧୦ବର୍ଷରେ ମୋଦି ସରକାର ଓଡ଼ିଶାକୁ ୧୮ଲକ୍ଷ କୋଟି ଟଙ୍କା ଦେଇଛନ୍ତି । ଓଡିଶାରେ ଥିବା ଶାସନ ବ୍ୟବସ୍ଥା ଗରିବଙ୍କୁ ନ୍ୟାୟ ଦେବା ବଦଳରେ ହରିଲୁଟ୍‌ର ଆଡ୍ଡା ସାଜିଥିଲା । ବିଜେପି ସରକାର ପ୍ରତିଟି ପଇସା ଗରିବଙ୍କ ହକରେ ବିନିଯୋଗ କରିବ । ଯିଏ ଦୁର୍ନୀତି କରିଛନ୍ତି, ସେମାନଙ୍କ ବିରୋଧରେ ଉପଯୁକ୍ତ ତଦନ୍ତ କରି କଡା ସଜା ଦିଆଯିବ । ବିଜେପି ସରକାର ୧୦୦ଦିନ ପାଇଁ ଏଜେଣ୍ଡା ପ୍ରସ୍ତୁତ କରିଛି । ଧାନ କୁଇଂଟାଲ ପିଛା ଚାଷୀଙ୍କୁ ୩୧ଶହ ଟଙ୍କା ମିଳିବ । ଚାଷୀଙ୍କୁ ଏହି ଅର୍ଥ ଓଡ଼ିଶାର ସାଧାରଣ ଲୋକଙ୍କ କ୍ରୟଶକ୍ତିକୁ ବଢ଼ାଇବା ସହ ଓଡ଼ିଶାର ଜିଡିପିରେ ବୈପ୍ଲବିକ ପରିବର୍ତନ ଆଣିବ । ସୁଭଦ୍ରା ଯୋଜନାରେ ରାଜ୍ୟ ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ଭାଉଚର ପାଇଁ ନୀତିନିୟମ ପ୍ରଣୟନ କରାଯିବା ସହ ନିର୍ଦ୍ଧାରିତ ସମୟରେ ଏହି ଅର୍ଥ ମା, ଭଉଣୀମାନେ ନେଇ ପାରିବେ ତାର ସୁବନ୍ଦୋବସ୍ତ କରାଯିବ । ୨୦୦କୋଟି ଟଙ୍କାର ଓଡ଼ିଆ ଅସ୍ମିତା ଫଣ୍ଡ କରାଯାଇଛି । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଭାଷା କମିଶନ ଗଠନ ପାଇଁ ଯୋଜନା ଆରମ୍ଭ ହୋଇଛି । ଶ୍ରମିକଙ୍କ ସର୍ବନିମ୍ନ ମଜୁରୀରେ ବଡ ବୃଦ୍ଧି କରାଯାଇଛି । ସମସ୍ତଙ୍କୁ ବିଶୁଦ୍ଧପାନୀୟ ଜଳ ପାଇପ ଯୋଗେ ଘରେ ଘରେ ପହଂଚାଇବା ପାଇଁ ଯୋଜନା ଚୂଡାନ୍ତ କରାଯାଇଛି ବୋଲି କାର୍ଯ୍ୟକାରିଣୀରେ ଶ୍ରୀ ମାଝୀ କହିଛନ୍ତି । ୨୫ବର୍ଷର ସ୍ଥିର ସରକାର ଆମକୁ ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କୃଷି ଓ ନ୍ୟାୟ ପ୍ରଦାନରେ ଶୋଚନୀୟ ଅବସ୍ଥା ଦେଖାଇଛି । ସେହିପରି ମହିଳା ସଶକ୍ତିକରଣର କଥା କହୁଥିବା ବିଜେଡି ସରକାରରେ ଲିଙ୍ଗଗତ ବୈଷମ୍ୟ କ୍ଷେତ୍ରରେ ଦେଶରେ ୨୫ଟି ଆକଳିତ ରାଜ୍ୟ ମଧ୍ୟରୁ ଓଡ଼ିଶାର ସ୍ଥାନ ୨୮ନମ୍ବରରେ । ଶିକ୍ଷା କ୍ଷେତ୍ରରେ, ଶାନ୍ତି ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ୨୭ନମ୍ବର । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଦୀର୍ଘବର୍ଷର ସରକାର କାମ କରିବା ପାଇଁ ନଥିଲା କେବଳ ପ୍ରଚାର ସର୍ବସ୍ୱ ଥିଲା ବୋଲି ଶ୍ରୀ ମାଝୀ କହିଛନ୍ତି । ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୁର ଅଛି । ଯଦି ସବୁର ସଦବିନିଯୋଗ କରାଯାଏ ତେବେ ମୋଦିଙ୍କ ଭାଷାରେ ଓଡ଼ିଶା କେବଳ ଦେଶରେ ଏକ ନମ୍ବର ରାଜ୍ୟ ହେବ ନାହିଁ ବରଂ ଦକ୍ଷିଣ ପୂର୍ବ ଏସୀୟ ଦେଶ ସମୂହର ଆର୍ଥିକ ବିକାଶର ମୁଖଶାଳା ହୋଇପାରିବ । ଏହି କାର୍ଯ୍ୟକାରିଣୀରେ ସରକାର ଓ ସଂଗଠନ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ବରିଷ୍ଠ ନେତୃମଣ୍ଡଳୀ । ଏହି ପରିପ୍ରେକ୍ଷିରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ବିଜେପି ସରକାର ଗର୍ବ ଓ ଅହଂକାର ତ୍ୟାଗକରି ଲୋକଙ୍କ ହିତ ଓ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବ । ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ସଂଗଠନକୁ ଶକ୍ତିଶାଳୀ କରିବ । ପ୍ରତ୍ୟେକ କାର୍ଯ୍ୟକର୍ତା ହେଉଛନ୍ତି ସରକାରୀ ଦଳର ଯୋଗ୍ୟ ସେନାପତି । ଲଗାଲ୍ ଠିକ୍ ଧରିଲେ ଘୋଡା ନିୟନ୍ତ୍ରଣରେ ରହିବ । ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଶ୍ରୀ ସାମଲ କାର୍ଯ୍ୟକର୍ତାଙ୍କୁ ଆଶ୍ୱସ୍ତିବାଣୀ ଶୁଣାଇଥିଲେ । ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନ ଅବସରରେ ପ୍ରଥମେ ୩ଟି ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା । ଏହାପରେ ଶୋକ ପ୍ରସ୍ତାବ ଆଗତ କରାଯାଇଛି । କେନ୍ଦ୍ର ସରକାରଙ୍କ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ପୂର୍ବତନ ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଏହାକୁ ସମର୍ଥନ ଜଣାଇଥିଲେ ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି । ଭୋଟର ଭାଇଭଉଣୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏହାକୁ ସମର୍ଥନ ଜଣାଇଥିଲେ ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବସନ୍ତ ପଣ୍ଡା, ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଅପରାଜିତା ଷଡଙ୍ଗୀ, ଭର୍ତୃହରି ମହତାବ, ବରିଷ୍ଠ ନେତା ଜୟନାରାୟଣ ମିଶ୍ର ରାଜନୈତିକ ଚିଠା ପ୍ରସ୍ତାବରେ ଅଂଶ ଗ୍ରହଣ କରିଥିଲେ ।

## ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକ

**କଟକ,୨୦।୭(ମହାଭାରତ):** ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକ ହୋଇଛି । କଟକ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଦେହାନ୍ତ ଘଟିଛି । ଦୁଇଦିନ ତଳେ ସେ ଅସୁସ୍ଥ ହୋଇ ଆଇସିୟୁରେ ଭର୍ତ୍ତି ହୋଇଥିଲେ । କିଡନୀ ଜନିତ ସମସ୍ୟା ଯୋଗୁ ତାଙ୍କୁ ଗତ ୧୮ ତାରିଖରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ । ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ଧାନ ଗବେଷଣା ଓ ସଂରକ୍ଷଣ ପାଇଁ କୋରାପୁଟ ଜିଲାର ଏକ ମାତ୍ର ଆଦିବାସୀ ମହିଳା ଭାବେ ଦେଶରେ ପରିଚିତ ଥିଲେ । କେନ୍ଦ୍ର ସରକାର ତାଙ୍କୁ ୨୦୧୯ରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ କୋରାପୁଟ ଜିଲାରେ ଶୋକରେ ଛାୟା ଖେଳି ଯାଇଛି । କମଳାଙ୍କ ପ୍ରାର୍ଥିବ ଶରୀର ପହଞ୍ଚିବା ପରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯିବ । ସେଠାରୁ ପାତ୍ରପୁଟ ସ୍ଥିତ କମଳାଙ୍କ ଘରକୁ ନିଆଯିବ । ସେଠାରେ ସମସ୍ତେ ଶେଷ ଦର୍ଶନ କରିବେ । ପାତ୍ରପୁଟ ଠାରୁ ଶଶ୍ମାନକୁ ଶୋଭାଯାତ୍ରା ଦ୍ୱାରା ନିଆଯିବ । ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଶହ ରୀତି ନୀତି ଅନୁଯାଇ ଶେଷକୃତ୍ୟ ସମ୍ପନ୍ନ କରିଯିବ । ଏଠାରେ ଜିଲାପାଳ, ଏସ୍‌ପି, ଉପଜିଲାପାଳ, ବିଡିଓ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଉପ ଜିଲାପାଳ ପ୍ରଭାତ କୁମାର ପରିଡା ସୂଚନା ଦେଇଛନ୍ତି ।

କମଳାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ଏକ୍ସରେ କହିଛନ୍ତି ଯେ ପ୍ରଖ୍ୟାତ କୃଷିବିତ ଶ୍ରୀମତି କମଳା ପୂଜାରୀଙ୍କ ବିୟୋଗ ସଂପର୍କରେ ଶୁଣି ଦୁଃଖିତ । ଧାନ ଓ ଅନ୍ୟ ଫସଲର ଲୁପ୍ତପ୍ରାୟ ଓ ଦୁର୍ଲଭ ବୀଜକୁ ସଂରକ୍ଷିତ କରିବା ପାଇଁ ତାଙ୍କର ପ୍ରେରଣାଦାୟକ ପଦକ୍ଷେ ପାଇଁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା । ସେ ଅନେକ ଚାଷୀ, ବିଶେଷ କରି ମହିଳା ଚାଷୀଙ୍କ ମଧ୍ୟରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିଥିଲେ । ଜୈବିକ କୃଷି ଓ ପରିବେଶ ସଂରକ୍ଷଣରେ ତାଙ୍କ ଯୋଗଦାନକୁ ମନେ ପକାଯିବ । ତାଙ୍କ ପରିବାର ଓ ସାଥୀଙ୍କ ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି ।

## ବଦଳିଲା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ

**ଭୁବନେଶ୍ୱର,୨୦।୭(ମହାଭାରତ):** ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ବଦଳାଇ ଦେଇଛନ୍ତି । ଏହାର ନୂଆ ନାଁ ରଖାଯାଇଛି 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ' । ଏହା ସହିତ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି ସମ୍ମାନକୁ ନେଇ ନୂଆ ଗାଇଡ୍ ଲାଇନ୍ ଜାରି କରାଯାଇଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଏହି ପୁରସ୍କାର ଆରମ୍ଭ କରାଯାଇଥିଲା । ସେ ଏହି ପୁରସ୍କାରର ନାମ ତାଙ୍କ ବାପା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାଁରେ ରଖିଥିଲେ । ପ୍ରତିବର୍ଷ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସରେ ଏହି ପୁରସ୍କାର ଦିଆଯାଏ । ରାଜ୍ୟର ସଫଳ କ୍ରୀଡ଼ାବିତ, କୋଚ୍, କ୍ରୀଡ଼ା ସାମ୍ବାଦିକ ଓ କ୍ରୀଡ଼ା ଅନୁଷ୍ଠାନକୁ ଏହି ପୁରସ୍କାର ପ୍ରଦାନ କରାଯାଏ । ୫ଟି ବର୍ଗଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଉଥିଲା । ତେବେ ନୂଆ ସରକାର ଏହାର ନାଁ ବଦଳାଇବା ସହିତ ଆହୁରି ୩ଟି ବର୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନୂଆ ଗାଇଡ୍ ଲାଇନରେ ଏହା ଉଲ୍ଲେଖ ରହିଛି ।

ପୂର୍ବରୁ ଲାଇଫ-ଟାଇମ୍ ଆଚିଭମେଣ୍ଟ, କ୍ରୀଡ଼ା ଓ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ, କୋଚିଂରେ ଉତ୍କୃଷ୍ଟତା, କ୍ରୀଡ଼ା ସାମ୍ବାଦିକତାରେ ଉତ୍କୃଷ୍ଟତା ଓ କ୍ରୀଡ଼ା ଏବଂ ଖେଳକୁ ପ୍ରୋତ୍ସାହିତ କରିବାରେ ଯୋଗଦାନ ପାଇଁ ଏହି ପୁରସ୍କାର ଦିଆଯାଉଥିଲା । ଏବେ ଏହି ୫ଟି ବର୍ଗ ସହିତ ବର୍ଷର ଶ୍ରେଷ୍ଠ ପାରା କ୍ରୀଡ଼ାବିତ, ବର୍ଷର ଶ୍ରେଷ୍ଠ ଆଥଲେଟ (ଜୁନିୟର ବର୍ଗ) ଓ ବର୍ଷର ଶ୍ରେଷ୍ଠ ସ୍ପୋର୍ଟସ ଟେକିନିକାଲ ଅଫିସିଆଲ/ସପୋର୍ଟ ଷ୍ଟାଫ୍ ବର୍ଗକୁ ଯୋଡ଼ାଯାଇଛି । ନୂତନ ଭାବେ ଗଠନ କରାଯାଇଥିବା ତିନିଟି ବର୍ଗର ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଲେଖାଏଁ ରହିଛି । ଏସବୁ ସହିତ ପୁରସ୍କାର ପାଇବାକୁ ଥିବା କ୍ରୀଡ଼ାବିତ, କୋଚ୍ ଓ କ୍ରୀଡ଼ା ସାମ୍ବାଦିକ ଆଦିଙ୍କ ଯୋଗ୍ୟତା ଓ ଚୟନ ପ୍ରକ୍ରିୟା ଆଦିକୁ ନେଇ ଗାଇଡ୍ ଲାଇନ୍ ଜାରି କରିଛି କ୍ରୀଡ଼ା ଓ ଯୁବ ସେବା ବିଭାଗ । ଅନ୍ୟପକ୍ଷରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ବଦଳାଇବା ନେଇ ଆରମ୍ଭ ହୋଇଯାଇଛି ରାଜନୀତି ।

## ପ୍ରବଳ ବର୍ଷାରେ କାଳିମେଳା ବିଚ୍ଛିନ୍ନ

**ମାଲକାନଗିରି,୨୦।୭(ମହାଭାରତ):** ଲଗାଣ ବର୍ଷା ଯୋଗୁ ବେହାଲ ହୋଇପଡ଼ିଛି ମାଲକାନଗିରି । ଜିଲ୍ଲାର ଅନେକ ଅଞ୍ଚଳରେ ବର୍ଷା ପାଣି ଜମି ରହିଛି । ପୋଟେରୁ ପୋଲ ଉପରେ ୩ରୁ୪ଫୁଟ୍ ବନ୍ୟା ପାଣି ଯାଉଛି । ସୁଅ ପ୍ରଖର ଥିବାରୁ ଲୋକେମାନେ ଯିବାଆସିବା କରିବା ସମ୍ଭବପର ହୋଇପାରୁ ନାହିଁ । ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଛି ।

ସେହିପରି କାଳିମେଳାରୁ ମୋଟୁକୁ ମଧ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଗଠ-୯୦ ଏବଂ ଗଠ-୯୬ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି । ପ୍ରତିବର୍ଷ ମାଲକାନଗିରି ଜିଲ୍ଲାରେ ବର୍ଷା ଦିନରେ ଏପରି ସ୍ଥିତି ଉପୁଜିଥାଏ । ମାଲକାନଗିରି ଜିଲ୍ଲାର କିଛି ଅଞ୍ଚଳ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ



ହୋଇଯାଇଥାଏ । ଲୋକେମାନେ ଖାଇବା ଓ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ହେଲେ ପ୍ରଶାସନ ସବୁ ଜାଣି ମଧ ଚୁପ୍ ରହିଥାଏ । ସେହି ସମୟରେ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ସେମାନଙ୍କୁ ରନ୍ଧା ଖାଦ୍ୟ ଦେଇ କାମ ସାରିଦେଇଥାଏ । ହେଲେ ତଳିଆ ଅଞ୍ଚଳର ଲୋକେ କିପରି ବର୍ଷା ଦିନେ ହଇରାଣ ହରକତ ନ ହେବେ ସନେଇ ପ୍ରଶାସନ କୌଣସି ସ୍ଥାୟୀ ବ୍ୟବସ୍ଥା କରିନଥାଏ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଗତ ୨୪ ଘଂଟା ଧରି ବାହ୍ୟଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଛି ମାଲକାନଗିରି ଜିଲ୍ଲା କାଳିମେଳା ସଦରକହକୁମା । ଗୁରୁବାର ଠାରୁ କାଳିମେଳା ବ୍ଲକରେ ଲଗାଣ ବର୍ଷା ଲାଗି ରହିଥିବାରୁ ଏପରି ପରିସ୍ଥିତି ଦେଖିବାକୁ ମିଳିଛି । ଫଳରେ କାଳିମେଳାବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାଳିମେଳା ସଦର ମହକୁମାରେ ସର୍ବକାଳୀନ ରେକର୍ଡ଼ ୨୦୨ ମିମି ବର୍ଷା ହୋଇଥିବାର ସରକାରୀ ସୂତ୍ରରୁ ଜଣାପଡ଼ିଛି । ଏତେ ପରିମାଣରେ ବର୍ଷା ହେବା ଯୋଗୁଁ କାଳିମେଳା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ନଦୀ ନାଳରେ ବନ୍ୟାଜଳ ଆସିଛି । ସେହିପରି ପୋଟେରୁ ବଜାର ଭିତରେ ବନ୍ୟାଜଳ ପ୍ରବେଶ କରିଥିବାର ସୂଚନା ମିଳିଛି । ପୋଟେରୁ ପୋଲ ଉପରେ ୧୦ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ନଦୀ କୂଳିଆ ଗାଁ ପ୍ରତି ବିପଦ ବିବାରେ ଲାଗିଛି । ପୋଟେରୁ ବଜାରରେ ଥିବା ଏଟିଏମ ପର୍ଯ୍ୟନ୍ତ ବନ୍ୟାଜଳ ଚାଲିଯାଇଥିବାର ଜଣାପଡ଼ିଛି ।

## ବାଂଲାଦେଶରେ କର୍ଫ୍ୟୁ ଲାଗୁ : ୧୦୫ ମୃତ

**ଢାକା,୨୦।୭ :** ବାଂଲାଦେଶରେ ଚାଲିଥିବା ସଂରକ୍ଷଣ ବିରୋଧୀ ପ୍ରତିବାଦ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବା ସହ ବେକାବୁ ହେବାରେ ଲାଗିଛି । ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ବାଂଲାଦେଶ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ କର୍ଫ୍ୟୁ ଲାଗୁ କରାଯାଇଛି । ଏଥିସହ ଯେକୌଣସି ପରିସ୍ଥିତିର ମୁକାବିଲା ନିମନ୍ତେ ଅଧିକରୁ ଅଧିକ ଯବାନଙ୍କୁ ବିଭିନ୍ନ ଅଞ୍ଚଳରେ ମୁତୟନ କରାଯାଉଛି । ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନର ନିଆଁରେ ଏବେ ସମଗ୍ର ଦେଶ ଜଳୁଛି । ଏହି ଆନ୍ଦୋଳନରେ ୧୦୫ଜଣଙ୍କ ଜୀବନ ଯାଇ ସାରିଥିବା ବେଳେ ୨୫ଶହରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି । ସ୍ଥିତି କ୍ରମଶଃ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାରୁ ଦେଶରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ପ୍ରୟାସ ଆରମ୍ଭ କରିଛି ଶେଖ ହସିନାଙ୍କ ସରକାର । ଫଳରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ କର୍ଫ୍ୟୁ ଲାଗୁ କରାଯାଇଛି । ବାଂଲାଦେଶରେ ସାର୍ବଜନୀନ ସ୍ଥଳୀରେ ହେଉଥିବା ସବୁ ସଭା, ସମିତି ଓ ରାଲି ଉପରେ ରୋକ୍ ଲଗାଯାଇଛି । ଦେଶର ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏପରି କଠୋର ପଦକ୍ଷେପ ଉଠାଯାଇଥିବା



ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପ୍ରବକ୍ତା କହିଛନ୍ତି । ସରକାରଙ୍କ ବହୁ ପଦକ୍ଷେପ ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଓ ସରକାରୀ ସମ୍ପତ୍ତିରେ ନିଆଁ ଲଗାଇ ଦେଉଛନ୍ତି । ଗତକାଲି ବହୁ ଛାତ୍ର ଆନ୍ଦୋଳନକାରୀମାନେ ନରସିଂହଡି ଜିଲ୍ଲାସ୍ଥିତ ଜେଲରେ ନିଆଁ ଲଗାଇ ଦେଇ ଶତାଧିକ କଏଦୀଙ୍କୁ ମୁକ୍ତ କରିଦେଇଥିଲେ । ଏହାପରେ ପୂରା ବିଲ୍ଡିଂରେ ନିଆଁ ଲଗାଇ ଦେଇଥିଲେ । ଏହି ଜେଲ୍ରେ ୧୦୦ରୁ ଅଧିକ କଏଦୀ ଖସି ଯାଇଥିବା ଅନୁମାନ କରାଯାଉଥିବା ବେଳେ ସେମାନଙ୍କ ପ୍ରକୃତ ସଂଖ୍ୟା ଜଣାପଡ଼ିନି । ପଡ଼ୋଶୀ ଦେଶରେ ଦେଖାଦେଇଥିବା ଏପରି ହିଂସାତ୍ମକ ଘଟଣା ସେମାନଙ୍କ ଅନ୍ତରୀଣ ବ୍ୟାପାର ବୋଲି କହିଛି ଭାରତ । ତେବେ ଭାରତ ସେଠାକାର ସ୍ଥିତି ଉପରେ କଡ଼ା ନଜର ରଖିଛି । ବିଦେଶ ମନ୍ତ୍ରାଳୟ ପ୍ରବକ୍ତା ଜୟସୱାଲ କହିଛନ୍ତି, ବାଂଲାଦେଶରେ ଥିବା ୧୫ ହଜାର ଭାରତୀୟ ସୁରକ୍ଷିତ ଅଛନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟ ୮୫୦୦ ଜଣ ହେଉଛନ୍ତି ଛାତ୍ର । ଗତ ରାତିରେ ୧୨୫ ଭାରତୀୟ ଛାତ୍ରଙ୍କ ସମେତ ସମୁଦାୟ ୨୪୫ ଜଣ ଦେଶକୁ ଫେରି ଆସିଛନ୍ତି । ଏଥିସହ ବାଂଲାଦେଶରେ ଫସିଥିବା ଅନ୍ୟ ଭାରତୀୟ ନାଗରିକ ତଥା ଛାତ୍ର ସ୍ୱଦେଶକୁ ଫେରିବାକୁ ଚାହିଁଲେ ସେମାନଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି । ଏଥିନିମନ୍ତେ ପଶ୍ଚିମବଙ୍ଗ ଓ ତ୍ରିପୁରା ବର୍ଡର ଭାରତୀୟଙ୍କ ଫେରିବା ନିମନ୍ତେ ଖୋଲା ରଖାଯାଇଥିବା ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ବାଂଲାଦେଶରେ ସରକାରୀ ଚାକିରିରେ ୩୦% ସଂରକ୍ଷଣ ୧୯୭୧ ଯୁଦ୍ଧର ସହିଦଙ୍କ ପରିବାର ସଦସ୍ୟଙ୍କୁ ପାଇଁ ରହିଥିବାରୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ଏହି ଆନ୍ଦୋଳନ କରୁଛନ୍ତି ଛାତ୍ରଛାତ୍ରୀ । ସେମାନଙ୍କ ଦାବି ସହିଦଙ୍କ ନାତି, ଅଣନାତିଙ୍କୁ ବି ଏହି ସୁବିଧା ମିଳୁଥିବାରୁ ପ୍ରକୃତ ମେଧାବୀ ଛାତ୍ରଛାତ୍ରୀ ସରକାରୀ ଚାକିରିରୁ ବଞ୍ଚିତ ରହୁଛନ୍ତି । ଏହା ବିରୋଧରେ ଜୁଲାଇ ୧ରୁ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଯୋଗୁ ୧୦୫ ଜଣଙ୍କ ଜୀବନ ଗଲାଣି । ୩୦୦ରୁ ଅଧିକ ଲୋକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।

## ୟୁପିଏସସି ଅଧ୍ୟକ୍ଷଙ୍କ ଇସ୍ତଫା

**ନୂଆଦିଲ୍ଲୀ,୨୦।୭ :** ୟୁନିଅନ ପବ୍ଲିକ ସର୍ଭିସ କମିସନ (ୟୁପିଏସସି) ଅଧ୍ୟକ୍ଷ ମନୋଜ ସୋନି ନିଜର ବ୍ୟକ୍ତିଗତ କାରଣ ହେତୁ ଚାକିରି କାଳ ଶେଷ ହେବାର ୫ ବର୍ଷ ପୂର୍ବରୁ ଇସ୍ତଫା ଦେଇଛନ୍ତି । ତାଙ୍କ କାର୍ଯ୍ୟକାଳ ୨୦୨୯ ମସିହାରେ ଶେଷ ହେବାର ଥିଲା । ତେବେ ସୂତ୍ରରୁ ପ୍ରକାଶ ଯେ ସୋନିଙ୍କ ଇସ୍ତଫା ଆଇଏଏସ୍ ଅଧିକାରୀ ପୂଜା ଖେଡକରଙ୍କୁ ନେଇ ହୋଇଥିବା ବିବାଦ ସହ ଜଡିତ ନୁହେଁ । ମନୋଜ ସୋନି ୨୦୧୭ ମସିହାରେ ସାମ୍ବିଧାନିକ ସଂସ୍ଥା ୟୁପିଏସସିର ସଦସ୍ୟ ହୋଇଥିଲେ ।

୧୬ ମଇ ୨୦୨୩ ମସିହାରେ ସେ ଆୟୋଗର ଶୀର୍ଷ ସରକାରୀ ସେବାରେ ପ୍ରାର୍ଥୀ ନିଯୁକ୍ତି ପାଇଁ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଆଦିକୁ ପରିଚାଳନା କରୁଥିବା ସିଭିଲ ସର୍ଭିସ ପରୀକ୍ଷା (ସିଏସଇ) ଆୟୋଗର ଚେୟାରମ୍ୟାନ୍ ଭାବରେ ଦାୟିତ୍ୱ ନେଇଥିଲେ । ସୂଚନାନୁସାରେ, ମନୋଜ ସୋନି ପ୍ରାୟ ଏକ ମାସ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଇସ୍ତଫା ପତ୍ର ଦାଖଲ କରିଥିଲେ । ତେବେ ତାଙ୍କ ଇସ୍ତଫା ଗ୍ରହଣ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

## ଭାରତରେ ପଶିଛନ୍ତି ୫୦ରୁ ୫୫ ଆତଙ୍କୀ

**ନୂଆଦିଲ୍ଲୀ,୨୦।୭ :** ଜମ୍ମୁ-କଶ୍ମୀରରେ ଏବେ ଅନୁପ୍ରବେଶ ବୃଦ୍ଧି ପାଇଛି । ପାକିସ୍ତାନରେ ଉପଯୁକ୍ତ ତାଲିମ ପ୍ରାପ୍ତ ଆତଙ୍କବାଦୀ ଏବେ ଭାରତରେ ପ୍ରବେଶ କରିଛନ୍ତି । ଏହି ଖବର ମିଳିବା ପରେ ଭାରତୀୟ ସେନା ପକ୍ଷରୁ ରଣନୀତି ପରିବର୍ତ୍ତନ କରାଯାଇଛି । ପାକିସ୍ତାନ ପଟୁ ୫୦ରୁ ୫୫ ଜଣ ଆତଙ୍କବାଦୀ ଜମ୍ମୁ ଅଞ୍ଚଳରେ ଅନୁପ୍ରବେଶ କରିଥିବା ଖବର ମିଳିଛି । ଉପତ୍ୟକାରେ ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧି କରିବା ସେମାନଙ୍କର ଲକ୍ଷ୍ୟ । ଏହି ଖବର



ମିଳିବା ପରେ ଆତଙ୍କବାଦୀଙ୍କୁ ଧରିବା ପାଇଁ ସେନା ପକ୍ଷରୁ ୫୦୦ ପାରା ସ୍ପେଶାଲ ଫୋର୍ସ କମାଣ୍ଡୋଙ୍କୁ ମୁତୟନ କରାଯାଇଛି । ଏଥିସହ ଭାରତୀୟ ସେନା ପୂର୍ବରୁ ହିଁ ପାକିସ୍ତାନର ଛାୟା ଯୁଦ୍ଧର ଜବାବ ଦେବାରୁ ଅତିରିକ୍ତ ୩୫୦୦ରୁ ୪୦୦୦ ଯବାନଙ୍କୁ ଉପତ୍ୟକାକୁ ପଠାଇଥିଲା । ଆତଙ୍କବାଦୀଙ୍କୁ ଧରିବା ଓ ସେମାନଙ୍କ ପାଖରେ ଥିବା ଅସ୍ତ୍ରଶସ୍ତ୍ରକୁ ଧ୍ୱଂସ କରିବା ଲକ୍ଷ୍ୟରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଉଛି । ଜମ୍ମୁ ରିଜନରେ ଭାରତୀୟ ସେନା ଆତଙ୍କବାଦ ନିରୋଧ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଷ୍ଟ୍ରୀୟ ରାଇଫଲର ରୋମିଓ ଓ ଡେଲ୍ଟା ଫୋସଆକୁ ମୁତୟନ କରାଯାଇଛି । ଏମାନଙ୍କ ସହ ନିୟମିତ ଇନ୍ଫାଣ୍ଟ୍ରୀ ଡିଜୟନ ମଧ ଉପତ୍ୟକାରେ ରହିଛନ୍ତି ।

# ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ। ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



ଖବର

# ବିଦେଶ ମାଟିରେ ରାମଚରଣଙ୍କ ନୂଆ ରେକର୍ଡ



ଓସ୍କାର ବିଜେତା ଚଳଚ୍ଚିତ୍ର 'ଆରଆରଆର'ର ଅଭିନେତା ଦକ୍ଷିଣ ଭାରତୀୟ ସୁପରଷ୍ଟାର ରାମ ଚରଣଙ୍କ ନାଁରେ ଯୋଡ଼ି ହୋଇଛି ଆଉ ଏକ ସଫଳତା। ମେଲବର୍ଣ୍ଣରେ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ(ଆଇଏଫଏଫଏମ)ରେ ରାମ ଚରଣଙ୍କୁ ଭାରତୀୟ କଳା ଓ ସଂସ୍କୃତିର ରାଷ୍ଟ୍ରଦୂତ ପୁରସ୍କାରରେ ସମ୍ମାନିତ କରାଯିବ। ପ୍ରଥମ ଭାରତୀୟ ଭାବେ ସେ ଏହି ପ୍ରତିଷ୍ଠିତ ସମ୍ମାନରେ ସମ୍ମାନିତ ହେବେ। ଅ।ଇଏଫଏଫଏମ ଭିକ୍ଟୋରିଆନ୍ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଆନୁଷ୍ଠାନିକ ଚଳଚ୍ଚିତ୍ର ମହୋତ୍ସବ। ଚଳିତ ବର୍ଷ ଏହା ଅଗଷ୍ଟ ୧୫ରୁ ୨୪ ପର୍ଯ୍ୟନ୍ତ ଚାଲିବ ଯଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ମେଲବୋର୍ଣ୍ଣ(ଆଇଏଫଏଫଏମ) ଏଥର ରାମ ଚରଣଙ୍କୁ ରାଷ୍ଟ୍ରଦୂତ ଅତିଥି ଘୋଷଣା କରିଛି। ଏଥିସହ ଭାରତୀୟ ସିନେମାରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତାଙ୍କୁ ଭାରତୀୟ କଳା ଓ ସଂସ୍କୃତିର ରାଷ୍ଟ୍ରଦୂତ ପୁରସ୍କାରରେ ସମ୍ମାନିତ କରାଯିବ। ଭାରତୀୟ ସିନେମାର ପ୍ରଥମ ଅଭିନେତା ଭାବେ ସେ ଏହି ସମ୍ମାନ ପାଇବେ।



# ରାବିଡ଼ି ମାଲପୁଆ

ଆବଶ୍ୟକ ସାମଗ୍ରୀ: ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନରେ କ୍ଷୀର ଗରମ କରନ୍ତୁ। ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ। କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ।ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ। ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ। ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ। ଏବେ ଏକ କଡ଼େଇରେ ଘିଅ କିମ୍ବା ତେଲ



ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ। ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ। ଛାଣିବା ପରେ ଏହାକୁ ଏକ ପ୍ଲେଟକୁ ବାହାର କରି ରଖନ୍ତୁ। ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା।

ବର୍ତ୍ତମାନ ଏହି ଶିରାରେ ମାଲପୁଆଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟକୁ କାଢ଼ି ଆଣନ୍ତୁ। ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ ରାବିଡ଼ି ମାଲପୁଆ।

# ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।

# ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ୍ୟ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ୍ୟ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

# ଐଶାନ୍ୟରେ ଶ୍ରୀଗଣେଶ ମୂ ର୍ ଶୁଭଦାୟକ

ଶ୍ରୀଗଣେଶଙ୍କୁ ବିଘ୍ନହର୍ତ୍ତା କୁହାଯାଇଥାଏ । ସେଥିପାଇଁ ଘରେ ବାହାରେ ଚାରିଆଡ଼େ ତାଙ୍କର ପୂଜା କରାଯାଇଥାଏ । ତେବେ ଘରକୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିବା ପୂର୍ବରୁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।



ସର୍ବପ୍ରଥମେ ଧ୍ୟାନ ଦେବା ଉଚିତ୍ ଯେ ଗଣେଶ ପ୍ରତିମାଙ୍କ ଶୁଣ୍ଢ ବାମ ଦିଗକୁ ମୋଡ଼ି ହୋଇ ରହିଥିବ । କାରଣ ଡାହାଣ ପାର୍ଶ୍ୱକୁ ମୋଡ଼ି ହୋଇ ରହିଥିବା ଗଣେଶ ପ୍ରତିମାର ଉପାସନା ଦ୍ୱାରା କାର୍ଯ୍ୟସିଦ୍ଧିରେ ବିଳମ୍ବ ହୋଇଥାଏ । ସେହିପରି ପ୍ରତିମାରେ ଶ୍ରୀଗଣେଶ ନିଜ ମୂଷିକ ବାହନରେ ରହିଥିବା ଉଚିତ୍ । ଏଥିସହିତ ତାଙ୍କ ହସ୍ତରେ ସମସ୍ତ ଶସ୍ତ୍ର- ଏକଦନ୍ତ, ଅଙ୍କୁଶ ଏବଂ ମୋଦକ ରହିଥିବା ଆବଶ୍ୟକ । ଗଣେଶଙ୍କ ଗୋଟିଏ ହସ୍ତ ବରଦାନ ମୁଦ୍ରାରେ ରହିଥିବା ଜରୁରୀ ।

ଏହି ରୂପରେ ଗଣେଶଙ୍କ ଆରାଧନା ଉଚିତ୍ ଫଳ ପ୍ରଦାନ କରିଥାଏ । ସନ୍ତାନ ସୁଖ ପ୍ରାପ୍ତି ନିମନ୍ତେ ଘରକୁ ଶିଶୁ ଗଣେଶଙ୍କ ପ୍ରତିମା ଆଣି ଗଣେଶ ଚତୁର୍ଥୀ ଦିନ ପ୍ରତିଷ୍ଠା କରିବା ସହିତ ନିୟମିତ ତାହାର ପୂଜା କରିବା ଆବଶ୍ୟକ । ଘରେ ଆନନ୍ଦ ଉତ୍ସାହରେ ବୃଦ୍ଧି ନିମନ୍ତେ ନୃତ୍ୟରତ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣି ସ୍ଥାପନ କରିବା ଆବଶ୍ୟକ ।

ଶୋଇଥିବା ଗଣେଶଙ୍କ ପ୍ରତିମା ଆଣି ଘରେ ସ୍ଥାପନ କଲେ ସୁଖସମୃଦ୍ଧିରେ ସ୍ଥାୟିତ୍ୱ ରହିବା ଉଚିତ୍ । ସିନ୍ଦୂର ରଙ୍ଗର ଗଣେଶଙ୍କ ପୂଜା ଦ୍ୱାରା ସମୃଦ୍ଧି ଲାଭ ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହର ବ୍ରହ୍ମ ସ୍ଥାନ(କେନ୍ଦ୍ରସ୍ଥଳୀ), ଐଶାନ୍ୟ କୋଣ ଏବଂ ପୂର୍ବଦିଗରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ସମସ୍ତ ଶୁଭ ହୋଇଥାଏ । ଗୋଟିଏ ସ୍ଥାନରେ ଏକାଧିକ କିମ୍ବା ସାମ୍ନାସାମ୍ନି ଦୁଇଟି ଗଣେଶ ପ୍ରତିମା ରଖିବା ଉଚିତ ନୁହେଁ । ଏହାଦ୍ୱାରା ଗୃହସ୍ଥଙ୍କ ବିଘ୍ନ ଘଟିଥାଏ ।

# ପ୍ରାଣୀଧନ ଗଣନା ନେଇ ଆଞ୍ଚଳିକ ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୦।୭ (ମହାଭାରତ):** ପ୍ରାଣୀଧନ ଗଣନା ଫଳରେ ପ୍ରାଣୀପାଳକମାନଙ୍କର ଆର୍ଥିକ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇପାରିବ । ଏହା ଫଳରେ ଉତ୍ପାଦକତା ବୃଦ୍ଧି ପାଇବ ବୋଲି କେନ୍ଦ୍ର ପଶୁପାଳନ ଓ ଡାଇରୀ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ ମତପ୍ରକାଶ କରିଛନ୍ତି ।

ଆଜି ପୁରୀଠାରେ ଏକବିଂଶତମ ଜାତୀୟ ପ୍ରାଣୀଧନ ଗଣନା ନେଇ ଆୟୋଜିତ ତାଲିମ କାଯର୍ୟକ୍ରମରେ ଯୋଗଦେଇ ପ୍ରଫେସର ବାଘେଲ ଉପରୋକ୍ତ ମର୍ମରେ ସଂପୃକ୍ତ କ୍ଷେତ୍ର ଅଧିକାରୀ ତଥା କର୍ମଚାରୀମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ।

ମତ୍ସ୍ୟ, ପ୍ରାଣୀସଂପଦ ବିକାଶ ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେଇ ପୁରୀଠାରେ ଏପରି ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ଆନନ୍ଦ ପ୍ରକାଶ କରିବା ସହିତ ଏପରି ଗଣନା ଫଳରେ ପ୍ରାଣୀସଂପଦଙ୍କ ସୁରକ୍ଷା, ରୋଗ ନିରୀକ୍ଷଣ ସାଙ୍ଗକୁ ନିୟନ୍ତ୍ରଣ ପଦକ୍ଷେପ, ପ୍ରାଣୀଜ ଉତ୍ପାଦ ବୃଦ୍ଧି ଓ ପ୍ରଜନନ ଇତ୍ୟାଦି ଦିଗରୁ ବିବିଧ ସଫଳତା ମିଳିପାରିବ ବୋଲି ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ବ୍ୟବହାର ଫଳରେ ପ୍ରାଣୀଧନ ଗଣନା ପାଇଁ ରାଜ୍ୟ ଓ ଜିଲ୍ଲା ନୋଡାଲ ଅଧିକାରୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ମାଷ୍ଟର ଟ୍ରେନର ଭାବରେ ଦାୟିତ୍ୱ ନିର୍ବାହ କରିବେ ।

ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ୨୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ । ମୋବାଇଲ୍ ଆପ୍ ଓ ଡ୍ୟାସ୍‌ବୋର୍ଡ ବ୍ୟବହାର ସାଙ୍ଗକୁ ବିଭିନ୍ନ ପ୍ରଜାତି ଚିହ୍ନଟକରଣ ବାବଦରେ ସେମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା । ଭାରତ ସରକାରଙ୍କ ପଶୁପାଳନ ଓ ଡାଇରୀ ବିଭାଗର ବିଶେଷଜ୍ଞ ଏବଂ ରାଷ୍ଟ୍ରୀୟ ପଶୁ ଆନୁବଂଶିକ ସଂସାଧନ ବ୍ୟୁରୋର ବୈଜ୍ଞାନିକମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଇଥିଲେ ।

ଓଡ଼ିଶାର ମତ୍ସ, ପ୍ରାଣୀସଂପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ଆଗାମୀ ପ୍ରାଣୀଧନ ଗଣନାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ କ୍ଷେତ୍ର ଅଧିକାରୀମାନଙ୍କୁ ଆନ୍ତରିକତାର ସହିତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପଶୁପାଳନ ଓ ଡାଇରୀ ବିଭାଗର ପରିସଂଖ୍ୟାନ ପରାମର୍ଶଦାତା ଜଗତ ହଜାରିକା, ବିଭାଗର ନିର୍ଦ୍ଦେଶକ ଭି.ପି. ସିଂହ, ରାଷ୍ଟ୍ରୀୟ ପଶୁ ଆନୁବଂଶିକ ସଂସାଧନ ବ୍ୟୁରୋର ନିର୍ଦ୍ଦେଶକ ଡ. ବି.ପି. ମିଶ୍ର ଓ ଓଡ଼ିଶା ପ୍ରାଣୀସଂପଦ ବିକାଶ ବିଭାଗର ନିର୍ଦ୍ଦେଶକ ଶ୍ରୀ ରାମାଶିଷ ହାଜ୍‌ରାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।




## ରଥଯାତ୍ରାରେ ଶୋଭନୀୟ ଆନ୍ଦୋଳନର ସେବା

**ଭୁବନେଶ୍ୱର,୨୦।୭ (ମହାଭାରତ):** ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ପକ୍ଷରୁ, ବିଶ୍ୱବିଖ୍ୟାତ ପୁରୀ ରଥଯାତ୍ରାରେ ଭକ୍ତଙ୍କ ପାଇଁ ଦଶଦିନ ଧରି ବିଭିନ୍ନ ସେବା କାର୍ଯ୍ୟ ଯୋଗାଇ ଦିଆଯାଇଛି । ସେଥି ମଧ୍ୟରେ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର, ଆମ୍ବୁଲାନ୍ସ ସେବା, ଜଳଦାନ, ଲେମ୍ବୁ ସର୍ବତ୍‌?, ଶରଧାବାଲି ଓ ରଥ ଚତୁଃପାଶ୍ୱର୍ ସଫେଇ, ମହିଳାମାନଙ୍କୁ ସ୍ୱତନ୍ତ୍ର ସେବା ତଥା ଆନ୍ଦୋଳନର ପ୍ରତିଷ୍ଠାତା ପୂଜ୍ୟଶ୍ରୀ କୁମାର ଭାଇଙ୍କ ରଚନାରୁ ମନଗଠନକାରୀ ଭକ୍ତିରସାତ୍ମକ ପ୍ରାର୍ଥନା ସଭା ଆଦି ଅନୁଷ୍ଠିତ ହୋଇଥିଲା । ଆନ୍ଦୋଳନର ନିର୍ଦ୍ଦେଶିକା-ସମ୍ପାଦିକା ଡଃ ଅରୁନ୍ଧତୀ ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସେବା ପ୍ରଦାନ କରାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଅନୁଷ୍ଠିତ ଏହି ଶୋଭନୀୟ ସେବା ଶିବିରକୁ ବରିଷ୍ଠ ଡାକ୍ତର ଗାୟତ୍ରୀ ମହାନ୍ତି ଉଦ୍‌?ଘାଟନ କରିଥିଲେ । ଉକ୍ତ ଶିବିରରେ ଓଡ଼ିଶା ସରକାରଙ୍କ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡଃ. ସେବା ମହାପାତ୍ର, ବରିଷ୍ଠ ହୃଦ୍‌?ରୋଗ ବିଶେଷଜ୍ଞ ଡଃ. ଅମୂଲ୍ୟ ବିଶି, ଡଃ. ମାଧୁରୀ ପୁରୋହିତ, ଡଃ. ଶିବବ୍ରତ କରଣ ପ୍ରଭୃତି ଯୋଗଦେଇ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ । ଗୁରୁମା ମମତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପକ ଇନ୍ଦ୍ରମଣି ନାୟକ, ମୀନତି ଦେବୀ, ଡଃ. ବନଲତା ଦେବୀ, ଗୁରୁମା ବରଦା ମହାନ୍ତି, ମନୋରମା ଦେବୀ, ଚାରୁଲତା ବେହେରା, ଗୀତାଞ୍ଜଳୀ ସ୍ୱାଇଁ, ବିଦ୍ୟୁଲତା ଶତପଥୀ, ସ୍ୱାସ୍ଥ୍ୟ ସେବିକା ଇତିଶ୍ରୀ ମହାନ୍ତି, କଳ୍ପନା ସେଠ୍‌?, ଗୀତାଞ୍ଜଳୀ ସାହୁ, ମମତା ମଲ୍ଲ, ଶ୍ରୀମାନ୍ ଅରବିନ୍ଦ, ରବିନ୍ଦ୍ର ବେହେରା, ରାକେଶ ସାହୁ, ବରୁଣ ମହନ୍ତ ଓ ଶୋଭନୀୟ ବାହିନୀ ଏଥିରେ ସହଯୋଗ କରିଥିଲେ । ନୟାଗଡ଼ ବାବା ମେଡ଼ିସିନ୍ ଷ୍ଟୋରର ବଂଶୀଧର ସାହୁ ମାଗଣା ଔଷଧ ବିତରଣରେ ସହାୟତା କରିଥିଲେ ।

## ବିଧାନସଭା ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ଭୁବନେଶ୍ୱର,୨୦।୭ (ମହାଭାରତ):** ଆସନ୍ତା ୨୨ ତାରିଖରେ ଆରମ୍ଭ ହେବାକୁ ଯାଉଛି ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ। ଏହା ଦୁଇଟି ପର୍ଯ୍ୟାୟରେ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆସନ୍ତା ୨୨ ରୁ ୩୧ ତାରିଖ ଯାଏଁ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଅଗଷ୍ଟ ୨୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ହେବ ଯ ଆଉ ଏଥିପାଇଁ ସୁରକ୍ଷା ବ୍ୟବସ୍ଥା ହୋଇଛି କଡ଼ାକଡ଼ି।

ବିଧାନସଭା ଚାଲୁଥିବା ସମୟରେ ଯାନବାହାନ ଚଳାଚଳ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଧାନସଭା ସଲଗ୍ନ ରାସ୍ତାମାନଙ୍କରେ ଓଡିଶା ସହରାଞ୍ଚଳ ଆଇନ ୨୦୦୩ ର ଧାରା ୨୮ ଏବଂ ପୋଲିସ କମିଶନରେଟ ଭୁବନେଶ୍ୱର କଟକ ଟ୍ରାଫିକ ଓ ପବ୍ଲିକ ଅର୍ଡର ଓ ରେଗୁଲେଶନ ୨୦୦୮ ଧାରା ୩୬ ଅନୁସାରେ ବିଭିନ୍ନ କଟକଣା ଲାଗୁ ହୋଇଛିୟ ତେବେ ଆସନ୍ତୁ ଜାଣିବା କଣ ସବୁ କଟକଣା ଲାଗୁ ହୋଇଛି।

ହାଉସିଂବୋର୍ଡ ଛକ ପଟୁ ରବିନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ସମସ୍ତ ଯାନବାହନଗୁଡିକ କେଶରୀ ଟକିଜ ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ।

ଏ.ଜି ଛକ ପଟୁ ପି.ଏମ.ଜି ଛକ ଆଡକୁ ଆସୁଥିବା ସମସ୍ତ ଯାନବାହାନଗୁଡିକ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ।

ମାଷ୍ଟର କ୍ୟାଣ୍ଟିନ ଛକ ପଟୁ ଆସୁଥିବା ସମସ୍ତ ଯାନବାହାନ ଗୁଡିକ ଲୋୟର ପିଏମଜି ଛକ ଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବ।

୪.୧୨୦ ବଟଲିୟନ ଛକ ପଟୁ ରବିନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନଗୁଡିକ ପାଓ୍ୱାର ହାଉସ ଛକ ଦେଇ ଯିବେ।

ରାଜଭବନ ଛକ ପଟୁ ଏମ.ଏଲ.ଏ କଲୋନୀ ଏବଂ ରବିନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନଗୁଡିକ ଶାସ୍ତ୍ରୀ ନଗର ଛକ ଆଡକୁ ଯିବେ।

ସେହିପରି ଯେଉଁମାନଙ୍କ ପାଖରେ ଓଡିଶା ରାଜ୍ୟ ଅତିଥି ଭବନ ଯିବା ନିମନ୍ତେ ପାସ୍ ଥିବ ସେମାନେ ୧୨୦ ବାଟାଲିୟନ ଛକ ପଟୁ ଓଡିଶା ରାଜ୍ୟ ଅତିଥି ଭବନ ସାମ୍ନା ଗେଟ୍ ପର୍ଯ୍ୟନ୍ତ ଆସିପାରିବେ। ତେବେ ହେି କଟକଣା ଗୁଡିକ ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନ ଏବଂ ବିଧାନସଭା , ରାଜ୍ୟ ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକୁ ଯାଉଥିବା ଅଧିକୃତ ଯାନବାହନ ମାନଙ୍କ ପାଇଁ ଲାଗୁ ହେବ ନାହିଁ।

## ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ କାଉଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର,୨୦।୭ (ମହାଭାରତ):** ଦିନକ ପରେ ଶ୍ରାବଣ ମାସ ପ୍ରଥମ ସୋମବାର। ଜଳଲାଗି କରିବାକୁ କାଉଡ଼ିଆମାନେ ପ୍ରସ୍ତୁତ ହେଲେଣି। ହଜାର ହଜାର କାଉଡ଼ିଆଙ୍କୁ ଦୃଷ୍ଟିରେ ରଖି ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ଓ ଏଏସ୍ଆଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ରାଜଧାନୀସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିର, ମେଘେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଚିନ୍ତାମଣିଶ୍ୱର ମନ୍ଦିର ଲାଗି ମଧ୍ୟ ସ୍ୱ୍‌ତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପୂର୍ବରାତି ଅର୍ଥା ରବିବାର ରାତି ୩ ଟାରେ ମନ୍ଦିର ପହଡ଼ ଖୋଲିବାପରେ ସାଢ଼େ ୩ ଟାରେ ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳଆଳତି ଓ ଅବକାଶ ନୀତି ସମ୍ପାଦନ ପରେ ଭୋଗ ୪ ଟାରେ ଶ୍ରଦ୍ଧାଳୁଙ୍କ ଲାଗି ସାହାଣମେଲା ଦର୍ଶନ ଆରମ୍ଭ ହେବ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାରିକେଡ୍ର ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଧାଡ଼ିରେ କାଉଡ଼ିଆମାନେ ଛିଡ଼ା ହୋଇ କିଭଳି ଶୃଙ୍ଖଳିତ ଭାବରେ ଜଳଲାଗି କରିବେ ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।



କାଉଡ଼ିଆ। ଶ୍ରୀଲିଙ୍ଗରାଜଙ୍କ ନିକଟରେ ଜଳ ଲାଗି କରିବାକୁ ଗଙ୍ଗାଯମୁନା ମନ୍ଦିର ରାସ୍ତାଦେଇ ଲିଙ୍ଗରାଜ ପ୍ଲାଜା ଭିତରେ ପଶି ସିଂହଦ୍ୱାର, ସିଂହଦ୍ୱାର ପାଖରୁ ଆଡ଼କାଠ ନିକଟକୁ ଯିବାର ବ୍ୟବସ୍ଥା ହୋଇଛି। ଗର୍ଭଗୃହ ମଧ୍ୟକୁ ପ୍ରବେଶ ନିଷେଧ ଥିବାବେଳେ ଆଡ଼କାଠ ନିକଟରେ ରହିଥିବା ଲୋଧାରେ ପାଣି ଢାଳିବେ।

କାଉଡ଼ିଆମାନେ ଜଳଲାଗି କରିବା ପରେ ଲିଙ୍ଗରାଜଙ୍କ ଦର୍ଶନ କରି ପାରିବେ। ଶାନ୍ତଶୃଙ୍ଖଳା ନିମନ୍ତେ ମନ୍ଦିର ବାହାରେ ପୁଲିସ୍ ଫୋର୍ସ ମୁତୟନ ହେବା ସାଙ୍ଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିବେ। ସେହିପରି ମନ୍ଦିର ଭିତରେ ପତ୍ର, ଫୁଲ, କଳସୀ ଆଦି ସଫା କରିବା ପାଇଁ ଏଏସ୍ଆଇ ପକ୍ଷରୁ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବ। ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ମନ୍ଦିରକୁ ଛୁରି, ପଲିଥିନ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ବାରଣ କରାଯିବା ସାଙ୍ଗକୁ ଜଳଲାଗି ସମୟରେ ପାନ, ଗୁଟ୍ଖା, ମାଦକ ଦ୍ରବ୍ୟ ସେବନକରି ମନ୍ଦିର ଭିତରକୁ ଯିବା ଉପରେ କଟକଣା ରହିଛି। ଜଳଲାଗି ସରିବା ପରେ ଉତ୍ତରଦ୍ୱାର ଦେଇ ମନ୍ଦିର ବାହାରକୁ ପ୍ରସ୍ଥାନ କରିବାର ବ୍ୟବସ୍ଥା ହୋଇଛି। ତେବେ କାଉଡ଼ିଆଙ୍କ ପାଇଁ ମନ୍ଦିର ନିକଟରେ ଅସ୍ଥାୟୀ ରହଣିସ୍ଥଳର ବ୍ୟବସ୍ଥା କରାଯାଇଛି। ସେହିପରି ମେଘେଶ୍ୱର, ବ୍ରହ୍ମେଶ୍ୱର ମନ୍ଦିରକୁ ମଧ୍ୟ ଭକ୍ତ ଦର୍ଶନ ପାଇଁ ଯାଇପାରିବେ। କାଉଡ଼ିଆମାନେ କଟକ ଗଡ଼ଗଡ଼ିଆ ଘାଟ, ଦୟା ନଦୀ ଘାଟ, ମେଘେଶ୍ୱର ପୁଷ୍କରିଣୀ ଓ ବିନ୍ଦୁସାଗରରୁ ପାଣି ନେଇ ଜଳଲାଗି କରିଥାନ୍ତି। ରାଜଧାନୀର ଅନ୍ୟ ଶୈବ ପୀଠରେ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

## ମହିଳାଙ୍କୁ ସୁରକ୍ଷା ଦେବେ ବ୍ଲାକବେଲ୍ଟ ତାଲିମପ୍ରାପ୍ତ ଲେଡି ଅଫିସର

**ଭୁବନେଶ୍ୱର,୨୦।୭ (ମହାଭାରତ):** ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ତିଆରି ହେଲା ସ୍ପେଶାଲ୍ ଟିମ୍। ଯେଉଁଥିରେ ବଛା ବଛା ବ୍ଲାକବେଲ୍ଟ ତାଲିମପ୍ରାପ୍ତ ଲେଡି ଅଫିସର ରହିଛନ୍ତି। ଏନେଇ ସୂଚନା ଦେଇଛନ୍ତି କମିଶନର ସଞ୍ଜୀବ ପଣ୍ଡା। ଯାତାୟାତ ସମୟରେ, ଫୋନ୍ ଏବଂ ମେସେଜ୍ ମାଧ୍ୟମରେ ନିର୍ଯାତନା କିମ୍ବା ଇଭ୍-ଟିଜିଂର ସମ୍ମୁଖୀନ ହେଉଥିବା ମହିଳାଙ୍କ ପାଇଁ କମିଶନର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଏହି କ୍ଷେତ୍ରରେ ଜଣେ ଏସପି ମାନ୍ୟତା ପ୍ରାପ୍ତ ଅଧିକାରୀ ଦଳର ନେତୃତ୍ୱ ନେଉଛନ୍ତି ଏବଂ ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀମାନେ ଏଥିରେ ସାମିଲ ଅଛନ୍ତି। ଏହି ସ୍ୱତନ୍ତ୍ର ଟିମରେ ଆମର ବଛାବଛା ବ୍ଲାକବେଲ୍ଟ ତାଲିମପ୍ରାପ୍ତ ମହିଳା ପୋଲିସ୍ କର୍ମଚାରୀ ମଧ୍ୟ ଅଛନ୍ତି। ପଣ୍ଡାଙ୍କ କହିବା ଅନୁଯାୟୀ, ପୀଡିତାଙ୍କ ନିକଟରେ ତୁରନ୍ତ ପୋଲିସ ପହଞ୍ଚିବା ପାଇଁ ଏହି ଟିମ୍ ଗଠନ କରାଯାଇଛି। ଜଣେ ପୀଡିତ ମହିଳା ଥାନାକୁ ଯାଇ ଅଭିଯୋଗ ଦାଖଲ କରିବାର କୌଣସି ଆବଶ୍ୟକତା ନାହିଁ। ତେବେ ଯେଉଁ ବ୍ୟକ୍ତି ହଇରାଣ କରିବ ତାକୁ ମୁକାବିଲା ପାଇଁ ଏହି ଦଳର ସଦସ୍ୟମାନଙ୍କୁ ଉଚ୍ଚସ୍ତରୀୟ ତାଲିମ ପ୍ରଦାନ କରାଯାଇଛି। ପର୍ବପର୍ବାଣୀ ସମୟରେ ଏବଂ ଅନ୍ୟାନ୍ୟ ସମୟରେ ମଧ୍ୟ ମହିଳାମାନଙ୍କର ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବାରେ ଏହି ସ୍ୱତନ୍ତ୍ର ଦଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପାଇଲଟ ହିସାବରେ ୪ ମାସ ହେବ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଏହାର ଫଳାଫଳ ବହୁତ ଭଲ ଆସିଛି। ତେଣୁ ଦଳକୁ ଆହୁରି ବ୍ୟାପକ ଏବଂ ମଜବୁତ କରିବାକୁ ଯୋଜନା କରୁଛୁ ବୋଲି କମିଶନର ପଣ୍ଡା କହିଛନ୍ତି।

## ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କ ସମ୍ବଲପୁର, ବୌଦ୍ଧ ଓ କେନ୍ଦୁଝର ଅଞ୍ଚଳର ପ୍ରମୁଖ ରେଳ ପ୍ରକଳ୍ପ ନିରୀକ୍ଷଣ

**ଭୁବନେଶ୍ୱର,୨୦।୭ (ମହାଭାରତ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର ପରିଦର୍ଶନରେ ଯାଇ ଚାଲୁ ରହିଥିବା ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ନିରୀକ୍ଷଣ କରିବା ସହିତ ସମ୍ବଲପୁର-ଜରପଡା ରେଳ ସେକ୍ସନର ରେଳ ଭିତ୍ତିଭୂମି ଓ ଯାତ୍ରୀ ପରିଷେବାକୁ ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ସହିତ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ ନିର୍ମାଣକାରୀ ଅଧିକାରୀ ପ୍ରତିନିଧୀମାନେ ଶ୍ରୀ ଫୁଙ୍କୱାଲଙ୍କ ସହ ନିରୀକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଉପାନ୍ତ ଅଞ୍ଚଳରେ ଏହି ସାର୍ବଜନୀନ କୈନ୍ଦ୍ରିକ ପ୍ରକଳ୍ପକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନଜର ରଖାଯାଇଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟରେ ମଧ୍ୟରୁ ୧୫୨.୮୦୫ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି । ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥା ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନର ନିର୍ମାଣ କାର୍ଯ୍ୟ ଚାଲୁରଖିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର କାର୍ଯ୍ୟ ସମାପ୍ତ ହୋଇଛି । ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିଲୋମିଟର ଦୈର୍ଘ୍ୟ ରେଳ ଲାଇନକୁ ଆସନ୍ତା କିଛି ମାସ ମଧ୍ୟରେ ଶେଷ କରିବାକୁ ରେଳବାଇ ଆଶା ରଖିଛି ।

ଭିତ୍ତିଭୂମି ତଥା ବିକାଶମୂଳକ କାର୍ଯ୍ୟ ତଥା ଯାତ୍ରୀଙ୍କ ସୁବିଧା ଉପରେ ଧ୍ୟାନ ଦେଇ ଶ୍ରୀ ଫୁଙ୍କୱାଲ ସମ୍ବଲପୁର-ଜରପଡା ରେଳ ସେକ୍ସନକୁ ମଧ୍ୟ ନିରୀକ୍ଷଣ କରିଥିଲେ।



## କଏଦୀ ଫେରାର

**ଭୁବନେଶ୍ୱର,୨୦।୭ (ମହାଭାରତ):** ଝାରପଡା ଜେଲରେ ବିଚାରାଧୀନ କଏଦୀ ଖୋର୍ଦ୍ଧା କୋର୍ଟରୁ ଫେରାର। ତାକୁ ଧରିବା ଲାଗି ପୁଲିସ ନାକେଦମ ହୋଇଥିବାବେଳେ ରିପୋର୍ଟ ଲେଖାହେବା ଯାଏଁ ଧରି ପାରିନଥିବା ଜଣାଯାଇଛି । ଖୋର୍ଦ୍ଧା ଜିଲ୍ଲା କୁହୁଡି ଫାଣ୍ଡି ଅଂଚଳର ସୁକାନ୍ତ ନାୟକ ଯସୁକାନ୍ତ ନାୟକ ଦୁଇ ବର୍ଷ ଧରି ଟାଙ୍ଗୀ ଥାନା କୁହୁଡି ଫାଣ୍ଡି ଅଂଚଳର ଏକ କେସରେ ଝାରପଡା ଜେଲରେ ସଜା କାଟୁଥିଲେ। ତେବେ ଶନିବାର ଦିନ ଆସାମୀ କୁ ଆଇଓ ସାକ୍ଷୀ ନିମନ୍ତେ ଝାରପଡା ଜେଲରୁ ଖୋର୍ଦ୍ଧା କୋର୍ଟ ପୁଲିସ ଦ୍ୱାରା ଅଣାଯାଇଥିଲା। କୋର୍ଟ ପରିସର ମଧ୍ୟରେ ଆସାମୀର ହାତରୁ ହାତକଡ଼ି ଖୋଲି ଦେବା ପରେ ଆସାମୀ ପୁଲିସକୁ ଚକ୍କା ଦେଇ ଖସି ଯାଇଥିବା ଖବର ଚାଂଚଲ୍ୟ ଖେଳିଯାଇଛି।

## ବିଜେପି ମୁହଁରେ ସମ୍ବିଧାନର କଥା ଲଙ୍କାରେ ହରିଣାଙ୍କ ସଦୃଶ : କଂଗ୍ରେସ

**ଭୁବନେଶ୍ୱର,୨୦।୭ (ମହାଭାରତ):** ଗତକାଲି ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା ଯେଉଁଭଳି ଭାବେ ଲୋକସଭାରେ ବିରୋଧି ଦଳର ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଯେଉଁ ଶବ୍ଦମାନ ପ୍ରୟୋଗ କଲେ ସେଥିରୁ ଜଣାପଡୁଥିଲା ସେ କେତେ ଭୟଭୀତ ଅଛନ୍ତି, ଡର ତାଙ୍କ ମୁହଁରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ସମ୍ବିଧାନକୁ ପ୍ରତ୍ୟେକ ଦିନ ହତ୍ୟା କରୁଥିବା ବିଜେପି ମୁହଁରେ ସମ୍ବିଧାନ ଶବ୍ଦ ଶୁଣିବା ଅର୍ଥ ଲଙ୍କାରେ ହରିନାମ ସଦୃଶ। ଜେପି ନଡ୍ଡା ସମ୍ବିଧାନ ଉପରେ ଲମ୍ବା ଭାଷଣ ଦେବା ଯେତିକି ହାସ୍ୟାସ୍ପଦ ଥିଲା ତା'ଠୁ ବେଶି ଲଜ୍ୟାକର ମଧ ଥିଲା ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ଶ୍ରୀ ନଡ୍ଡାଙ୍କ ଭାଷଣରେ ୨୪ ବର୍ଷ ଧରି ଓଡ଼ିଶାକୁ ଶାସନ କରିଥିବା ବିଜେଡ଼ି ସରକାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପଦଟିଏ ନକହିବା ବିଜେପି ଓ ବିଜେଡ଼ି ମଧ୍ୟରେ ଥିବା ଭିତିରି ସମ୍ପର୍କ ରାଜ୍ୟବାସୀଙ୍କ ସାମ୍ନାରେ ପୁଣିଥରେ ଉଜାଗର ହୋଇଛି। ଏହା ବିଜେଡ଼ି ଓ ନବୀନ ବାବୁଙ୍କ ପ୍ରତିଥିବା ତାଙ୍କର ଭୟ କି ଦୟା ବୋଲି ଶ୍ରୀ ନଡ୍ଡାଙ୍କୁ ପ୍ରଶ୍ନ କରିଛନ୍ତି ଶ୍ରୀମତୀ ସାହୁ।

ସମ୍ବିଧାନର ମୁଖବନ୍ଧକୁ ଠିକ୍ ଭାବେ ବୁଝିନଥିବା ଦଳ ଆଜି ସମ୍ବିଧାନର ପାଠ ପଢ଼ାଉଛି। ଗତ ସାଧାରଣ ନିର୍ବାଚନରେ ସମ୍ବିଧାନକୁ ଭଲ ପାଉଥିବା ବିଜେପିର ନେତାମାନେ କ୍ଷମତାକୁ ଆସିଲେ ସମ୍ବିଧାନକୁ ବଦଳାଇଦେବେ କହି ୪୦୦ ପାର ନାରା ଲଗାଉଥିବା ବେଳେ କାହିଁକି ସେ ସମୟରେ ଶ୍ରୀ ନଡ୍ଡାଙ୍କର ସମ୍ବିଧାନ କଥା ମନେପଡୁନଥିଲା। ଭାରତବାସୀଙ୍କୁ ଧନ୍ୟବାଦ ସେମାନେ ସମ୍ବିଧାନକୁ ଗ୍ରହଣ କଲେ ଓ ସମ୍ବିଧାନ ବିରୋଧିଙ୍କୁ ଉଚିତ ଜବାବ ଦେଲେ। ୟୁଏପିଏ ଓ ପିଏମଏଲଏ ଆଇନ ଆଣି ରାଜନୈତିକ ପ୍ରତିଦ୍ୱନ୍ଦୀ, ସାମ୍ବାଦିକ, ସାମାଜିକ କର୍ମୀ, ଲେଖକ ମାନଙ୍କୁ ବିନା ଜାମିନରେ, ବିନା ବିଚାରରେ ଦୀର୍ଘଦିନ ପାଇଁ ଜେଲରେ ରଖିବା କଥା କେଉଁ ସମ୍ବିଧାନରେ ଲେଖାଯାଇଛି ବୋଲି ଶ୍ରୀ ନଡ୍ଡାଙ୍କୁ ପ୍ରଶ୍ନ କରିଛନ୍ତି ଶ୍ରୀମତୀ ସାହୁ। ବିଜେପି ସରକାର ବିଭିନ୍ନ ରାଜ୍ୟର ରାଜ୍ୟପାଳଙ୍କୁ ସମ୍ବିଧାନିକ କ୍ଷମତାର ଅପବ୍ୟବହାର ହେଉଥିବା ଦେଖାଯାଉଛି। ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବିରୋଧରେ ଜଣେ ମହିଳା କର୍ମଚାରୀ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିବା, ଓଡ଼ିଶା ରାଜ୍ୟାପଳଙ୍କ ପୁଅ ଜଣେ କର୍ମଚାରୀଙ୍କୁ ମାଡ଼ ମାରିବା, ତାମିଲନାଡୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ଅଜାଣତରେ ଜଣେ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାହାର କରିବା, ପାବ ରାଜ୍ୟପାଳ ବିଧାନସଭାରେ ବଜେଟ ଅଧିବେଶନ ନକରାଇଦେବା କହିବା ଏ ସମସ୍ତ ଘଟଣାବଳୀ ସମୟରେ କୁଆଡ଼େ ଯାଇଥିଲେ ତଥାକଥିତ ସମ୍ବିଧାନ ରକ୍ଷକ। ହଜାର ହଜାର କୋଟି ଟଙ୍କା ବ୍ୟୟ କରି ବିଧାୟକମାନଙ୍କୁ କିଣି ସରକାର ଭାଙ୍ଗୁଥିବା ଦଳ ସମ୍ବିଧାନର କଥା କହିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି ଶ୍ରୀମତୀ ସାହୁ।

## ନଭେମ୍ବରରେ ସରିବ ୩ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ

**ଭୁବନେଶ୍ୱର,୨୦।୭ (ମହାଭାରତ):** ନଭେମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ନଭେମ୍ବରରେ ଶେଷ ହେବ। ଉକ୍ତ ୩ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବ ନା ନୂଆ। କୁଳପତି ନିଯୁକ୍ତ ହେବେ ତାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ଅନ୍ୟପଟେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦କୁ ନେଇ ସୁପ୍ରିମ୍କୋର୍ଟରେ ମାମଲା ଚାଲିଛି। ସାଢ଼େ ୩ ବର୍ଷ ହେଲା କଟକଣା ଥିବାରୁ ଅଧାପକ ଓ ଅଣଅଧାପକ ନିଯୁକ୍ତି ହୋଇପାରୁନାହିଁ। ଅନ୍ୟପଟେ ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପଦବି ଖାଲି ଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ।

୨୦୨୦ ନଭେମ୍ବର ମାସରେ ପ୍ରଫେସର ସବିତା ଆଚାର୍ଯ୍ୟଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ଅପରାଜିତା ଚୌଧୁରୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏନ୍. ନାଗାରାଜୁଙ୍କୁ କୁଳପତି ନିଯୁକ୍ତି ଦିଆଯାଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦ ଅନୁଯାୟୀ ରାଜ୍ୟ ସରକାର ୪ ବର୍ଷ ପାଇଁ ସେମାନଙ୍କୁ ନିଯୁକ୍ତି ଦେଇଥିଲେ। ତେବେ ଏହି ଆଧାରରେ ଉକ୍ତ ୩ ବିଶ୍ୱବିଦ୍ୟାଳୟ କୁଳପତିଙ୍କର କାର୍ଯ୍ୟକାଳ ଆସନ୍ତା ନଭେମ୍ବର ମାସରେ ଶେଷ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମ ଅନୁଯାୟୀ, ଗୋଟିଏ ବିଶ୍ୱବିଦ୍ୟାଳୟରେ ଜଣେ କୁଳପତି ୩ ବର୍ଷ ପର୍ଯ୍ୟନ୍ତ ରହିପାରିବେ। କିନ୍ତୁ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦ରେ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ୪ ବର୍ଷ କରିଛନ୍ତି ।

ଅନ୍ୟପଟେ ଚର୍ଚ୍ଚା ହେଉଛି ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ନେଇ ସୁପିମ୍କୋର୍ଟରେ ମାମଲା ଥିବାରୁ ଏହି ତିନି ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଭାଗ୍ୟ କ'ଣ ହେବ ଜଣା ପଡୁନି। ନ୍ୟପଟେ ଜଣେ ଅଧିକାରୀଙ୍କ କହିବା କଥା, କୁଳପତିମାନେ ନିଜର କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ଲବି ଚଳାଇଛନ୍ତି। ଗତ ଜୁନ୍ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି କିଛି ମାସ ତଳେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରଠୁ କୁଳପତି ପଦବି ଖାଲି ପଡ଼ିଥିଲା। ସେହିପରି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି କିଶୋର କୁମାର ବାସା ଏଏସ୍ଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହେବା ପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।









# କ୍ରିକେଟରୁ ଅବସର

୧୭ ବର୍ଷ ପରେ ଏବେ ଦ୍ୱିତୀୟ ଥର ଲାଗି ଭାରତ ଟି-୨୦ ବିଶ୍ୱକପ ବିଜୟୀ ହୋଇଛି । ୨୦୧୧ରେ ଭାରତ ଦିନିକିଆ କ୍ରିକେଟ ବିଶ୍ୱକପ ଜିତିଥିଲା । ଏହା ପରେ ୨୦୧୩ରେ ଭାରତ ଇଂଲଣ୍ଡରେ ଅନୁଷ୍ଠିତ ଚାମ୍ପିୟନସ୍ସ ଟ୍ରଫି ଜିତିଥିଲା । ଏହା ପରେ ୧୧ ବର୍ଷ ହେବ କୌଣସି ଆଇଆଇସି ଟ୍ରଫି ଜିତିନଥିଲା । ଏବେ ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ ୧୧ ବର୍ଷର ପ୍ରତୀକ୍ଷାରେ ଅନ୍ତ ଘଟାଇଛି । ଗତ ବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲରେ ଭାରତ ଦୁର୍ଭାଗ୍ୟବଶତଃ ପରାଜିତ ହୋଇଥିଲା । ଭାରତୀୟମାନେ ଏଥିରେ ଗଭୀର ମର୍ମାହତ ହୋଇଥିଲେ । କାରଣ ଶକ୍ତି ଏବଂ ସାମର୍ଥ୍ୟ ଦୃଷ୍ଟିରୁ ଭାରତ ବିଶ୍ୱକପ ବିଜୟୀ ହେବାକୁ ହକଦାର ଥିଲା । ଭାରତ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲୁ ଉନ୍ନୀତ ହୋଇଥିଲା । କିନ୍ତୁ ଫାଇନାଲରେ ରଣନୀତି ନିର୍ଦ୍ଧାରଣରେ ତ୍ରୁଟି ଏବଂ ପିଚ ପ୍ରସ୍ତୁତିରେ ଭୁଲ ଯୋଗୁ ଭାରତ ଦୁର୍ଭାଗ୍ୟବଶତଃ ପରାଜିତ ହେଲା । ସମ୍ଭବତଃ ଭାଗ୍ୟ ଭାରତ ସପକ୍ଷରେ ନଥିଲା । ତେବେ ଭାରତୀୟ ଟିମ ଏକ ବିଶ୍ୱବିଜୟୀ ଦଳ ଭଳି ଖେଳିଥିଲା । ଦିନିକିଆ ବିଶ୍ୱକପ ଫାଇନାଲରେ ପରାଜିତ ହେବାର ଦୁଃଖକୁ ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ ବିଜୟ କିଛିଟା ଲାଘବ କରିପାରିଛି । ଏବେ ସୁଦ୍ଧା ଭାରତ ଦୁଇଥର ଟି-୨୦ ଏବଂ ଦୁଇଥର ଦିନିକିଆ ବିଶ୍ୱକପ ବିଜୟ ହାସଲ କରିଛି । ଏଥିଲାଗି ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ ଇଣ୍ଡିଆକୁ ଅଭିନନ୍ଦନ ଏବଂ ଶୁଭେଚ୍ଛା । ସେମାନଙ୍କ ସଫଳତାଲାଗି ଭାରତବାସୀ ଗର୍ବିତ । ଏହି ପ୍ରତିଯୋଗିତାରେ ଭାରତ ଅପରାଜେୟ ହୋଇ ରହି ଶେଷ;ରେ ଟ୍ରଫି ଜିତିଛି । ପ୍ରତିଯୋଗିତାରେ ଭାରତ ଶକ୍ତିଶାଳି ଅଷ୍ଟ୍ରେଲିଆ, ଇଂଲଣ୍ଡ, ପାକିସ୍ତାନ, ବାଂଲାଦେଶକୁ ପରାଜିତ କରିଛି । ଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା ବେଶ ରୋମାଞ୍ଚକର ହୋଇଥିଲା । ପ୍ରଥମରୁ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । କିନ୍ତୁ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିରାଟ କୋହଲି ଫାଇନାଲରେ ଚମତ୍କାର ବ୍ୟାଟିଂ କରି ଭାରତକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ । ସେହିପରି ଅଲରାଉଣ୍ଡର ଅକ୍ଷର ପଟେଲ ଏବଂ ଶିବମ ଦୁବେଙ୍କ ଚମତ୍କାର ବ୍ୟାଟିଂ ବଳରେ ଭାରତ ଏକ ପ୍ରକାର ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିଥିଲା । କିନ୍ତୁ ୨୦ ଓଭରରେ ୧୭୭ ରନର ଟାର୍ଗେଟ ଦକ୍ଷିଣ ଆଫ୍ରିକା ପାଇଁ ଯଥେଷ୍ଟ ନଥିଲା । ଏକ ସମୟରେ ଦକ୍ଷିଣ ଆଫ୍ରିକାକୁ ବିଜୟ ହାସଲ ନିମନ୍ତେ ୩୦ ବଲରେ ମାତ୍ର ୩୦ରନର ଆବଶ୍ୟକତା ଥିଲା । ହାତରେ ୫ଟି ୱିକେଟ ଥିଲା । ତେଣୁ ଦକ୍ଷିଣ ଆଫ୍ରିକାର ବିଜୟ କେବଳ ଏକ ଔପଚାରିକତା ବୋଲି ବିଚାର କରାଯାଉଥିଲା । କିନ୍ତୁ କ୍ରିକେଟ ହେଉଛି ଏକପ୍ରକାର ଅନିଶ୍ଚିତତାର ଖେଳ । କେତେବେଳେ କାହାର ବାଜି ପଲଟିଯିବ ତାହା କୁହାଯାଇନାହିଁ । କ୍ରିକେଟର ଏହି ଗୌରବମୟ ଅନିଶ୍ଚିତତା ହିଁ ଏହି ଖେଳ ପ୍ରତି ଆକର୍ଷଣକୁ ବଢ଼ାଇଛି । ୧୭୭ରନର ଟାର୍ଗେଟ ହାସଲ ଲାଗି ବ୍ୟାଟିଂ ଆରମ୍ଭ କରି ପ୍ରଥମମରୁ ଝଟକା ଖାଇଥିଲା । ପରେ ଦକ୍ଷିଣ ଆଫ୍ରିକାର ବ୍ୟାଟ୍ସମ୍ୟାନ ମାନେ ଧୂଆଁଧାର ବ୍ୟାଟିଂ କରି ବିଶେଷ କରି ଭାରତୀୟ ସ୍ପିନରମାନଙ୍କୁ ନିର୍ଘାତ ପ୍ରହାର କରି ଭାରତ ହାତରୁ ମ୍ୟାଚ ଛଡ଼ାଇନେବାକୁ ଯାଉଥିଲେ । କିନ୍ତୁ ଏହି ସମୟରେ ଭାରତର ପେସ ବୋଲର ବିଶେଷ କରି ଯଶପ୍ରୀତି ବୁମରାଙ୍କ ଚମତ୍କାର ବୋଲିଂ ଏବଂ ଭାରତୀୟ ଫିଲ୍ଡରମାନେ କିଛି ଚମତ୍କାର କ୍ୟାଚ ଧରିବା ଫଳରେ ମ୍ୟାଚର ଗତି ବଦଳିଯାଇଥିଲା ଏବଂ ଶେଷରେ ଭାରତ ମାତ୍ର ୭ ରନ ବ୍ୟବଧାନରେ ବିଜୟୀ ହୋଇଥିଲା । ୨୦୦୭ ଫାଇନାଲରେ ପାକିସ୍ତାନ ବିପକ୍ଷରେ ଠିକ ଏହିପରି ଢଙ୍ଗରେ ଭାରତ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ୧୭ ବର୍ଷ ପରେ ଇତିହାସର ପୁନରାବୃତ୍ତି ହୋଇଥିଲା । ଏହି ବିଜୟ ସହିତ ଭାରତୀୟ ଦଳର ତିନିଜଣ ବରିଷ୍ଠ ଖେଳାଳୀ ଆନ୍ତର୍ଜାତିକ ଟି-୨୦ କ୍ରିକେଟରୁ ଅବସର ନେଇଛନ୍ତି ।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ

**॥ ଡକ୍ଟର ରାଜକିଶୋର ମିଶ୍ର ॥**

*ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ ।*

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସ୍ରଷ୍ଟା ।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା । ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା ।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା । ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ । ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା । ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ । କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଜୀବନ ହିଁ ରାମାୟଣ

**॥ ଅନୀତା ପଟ୍ଟନାୟକ ॥**

ଖରା ଛୁଟି ହୋଇଥାଏ । ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି । ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ । ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ । ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ । ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ । ରେଳଯାତ୍ରା ଆରମ୍ଭ ହେଲା । ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ । ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ । ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ୍ୟ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ । ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ । ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ । ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ । ସଚେତନତାରୁ ଚିତ୍ତ ଆସେ । ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ । ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ । ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ । ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ । ଶରୀର ଏକ ମାଧ୍ୟମ । ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ । ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ । ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି । ଜୀବନ ପାଇଁ ନୁହେଁ । ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧ୍ୟରେ ଅଛନ୍ତି, ଆମେ ହିଁ ରାମ । ଜୀବନ (ପ୍ରାଣ) ସୁଷୁମ୍ନା ନାଡ଼ିରେ ରହିଛି । ଜୀବନ ହୃଦୟରେ ନାହିଁ ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି । ଏଥିପାଇଁ ତାଙ୍କୁ ଅଙ୍ଗୀରସେ କୁହାଯାଏ । ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ । ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ । ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି । ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି । ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା । ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ । ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ । ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ । ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ । ବାପା କହିଲେ ନିଶ୍ଚୟ । ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି । ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ । ଶିବ ହେଉଛନ୍ତି ମଙ୍ଗଳମୟ । ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ । ମୋ ମା କହିଲେ ଆଜ୍ଞା ହଁ । ସୀତା ପୃଥିବୀଙ୍କ ଝିଅ । ଆମେ ପୃଥିବୀ ଉପରେ ନିର୍ଭରଶୀଳ । ଆମେ ଭୂଦେବୀ ନିକଟରେ ଶରଣାଗତ । ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ । ମା କହିଲେ ସେ ବିଦେହର ରାଜକନ୍ୟା । ଜନକଙ୍କର ଅନ୍ୟ ନାମ ବିଦେହ । ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ । ମନ, ଏହାର ଶରୀର ନାହିଁ । ଏହା ସର୍ବତ୍ର ବୁଲୁଥାଏ । ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି । ମନର ଝିଅ ବ୍ରହ୍ମଜ୍ଞାନ । ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା । ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ । ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ । ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ । ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ । ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ । ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ । ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ । ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ । ମା କହିଲେ ସୀତା ଜ୍ଞାନର ପ୍ରତୀକ । ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ । ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ । ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ । ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା । ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ । ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ । ମା କହିଲେ, ସୀତା ମୁକ୍ତ ହୋଇ ଆଧାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ । ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ । ଝିଅ ତୁ ମନେରଖ – ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ । ଆଧାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ । ରାମ ଧର୍ମର ପ୍ରତୀକ । ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ) । ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ ।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ଦୂରଭାଷ : ୯୬୯୨୯୮୦୦୨୬**

# ବିଭେଦର କାରଣ ଓ ନିରାକରଣ

**॥ ଅଜୟ କୁମାର ବେହେରା ॥**

ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି ? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ । ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଉଁ ଚୁଁ ହୋଇପାରିବେ ନାହିଁ । ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ । ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥନ୍ୱେଷୀ । ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ । ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ । ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି । ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି । ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି । ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ । ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି । ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ । ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି । ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି । ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି । ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା । ମାତ୍ର ଖାଲି ବିଭେଦ । ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି । ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି । ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି । ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ । ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ । ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋସ୍ନା ରାତ୍ରୀରେ ସବୁ ଭୂମିରେ ବିଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି । ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର । ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତ୍ରୁ ରାହୁ । ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାତିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି । ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋସ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈଋତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି । ରୁଦ୍ର ଇଶାନଙ୍କ ତପସ୍ୟା କଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ୩ୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ । ଈଶାନର ମାଲିକ ଗ୍ରହ ମଧ୍ୟରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା । ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି । ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି । ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ । ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି । ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ । ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ । ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ । ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ ।

# ନିଜର ହକ୍ ପାଇବା ପାଇଁ ଡ଼ଙ୍ଗରିଆ କନ୍ଧମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ରାୟଗଡ଼ା,(ମହାଭାରତ) :** ସ୍ୱାଧୀନତାର ୭୭ ବର୍ଷ ପରେ ମଧ ସୁଧୁରି ନାହି ନିୟମଗିରି ଜନଜାତିଙ୍କ ଜୀବନ ଶୈଳୀ। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ନିୟମଗିରି ଅଞ୍ଚଳର ଜୀବନ ଯାପନ କରୁଥିବା ଡଙ୍ଗରିଆ କନ୍ଧ ଜନଜାତିଙ୍କ ଜୀବନ ଯାପନ ସୈଳି ମଧ ଅନ୍ଧାରରେ । ଏହି ନିୟମଗିରି ପାହାଡ଼ରେ ଅନେକ ଗାଁ ଗୁଡ଼ିକର ଅବସ୍ଥା ଆଜି ମଧ ଅତି ଦୟନୀୟ ଅଧିକାଂଶ ଗାଁକୁ ପକ୍କା ରାସ୍ତା ଟିଏ ନଥିବା ବେଳେ ଶିକ୍ଷିତ ହାର ମଧ ବହୁ ପଛରେ । ଏହି ଡଙ୍ଗରିଆ ଜନଜାତି ପାଇଁ ସରକାରଂକ ତରଫରୁ ଡି କେ ଡି ଏ ସଂସ୍ଥା ଦ୍ୱାରା ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିବା ନେଇ ପଦକ୍ଷେପ ପାଇଁ ହାତକୁ ନେଇଥିବା ବେଳେ ଏହି ଅର୍ଥ ଗୁଡିକ ବାଟମାରଣା ହେବା ସହ ଉନ୍ନତି କହିଲେ ଅତି ନଗଣ୍ୟ। ଏ ନେଇ ଆଜି ନିୟମଗିରି ଅଞ୍ଚଳର ଡାଙ୍ଗଯୋଡ଼ି ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆଜି ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ ତାଙ୍କ ଗାଁ କୁ ଏକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରେ ଗତ ୨୦୧୯ରେ ଏକ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିବା ପରେ ଠିକାଦାର ଏହିକାର୍ଯ୍ୟକୁ ଆଜି ପର୍ଯ୍ୟନ୍ତ କରିନଥିବା ଫଳରେ ଗ୍ରାମବାସୀ ମାନେ ବିଭିନ୍ନ କାର୍ଯ୍ୟରେ ଗମନାଗମନ କରିବା ନେଇ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଯାହାକି ଏ ନେଇ ଉକ୍ତ ଠିକାଦାରଙ୍କ ନିକଟରେ କାର୍ଯ୍ୟରତ ଏକ କର୍ମଚାରୀଙ୍କ ଗାଁର ବନ୍ଧକ ରଖିଥିଲେ। ପରେ ପ୍ରଶାସନ ପହଞ୍ଚି ଉକ୍ତ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ଠାରୁ ଉଦ୍ଧାର କରିଥିଲେ । କିନ୍ତୁ ଗାଁ ରାସ୍ତା ପାଇଁ କୌଣସି ପ୍ରତିଶୃତି ଦେଇ ନଥିଲେ ଫଳରେ ଆଜି ଉକ୍ତ ଗାଁ ର ଲୋକ ପୁର୍ବତନ ସରପଞ୍ଚ ଡ୍ରିଞ୍ଜୋ ଜାକାଶିକାଙ୍କ ନେତୃତ୍ୱରେ ଆସି ଜିଲ୍ଲାପାଳ ଶ୍ରୀ ମହାଜନଙ୍କୁ ଜଣାଇଥିଲେ। ପରେ ଏହି ଘଟଣାକୁ ନେଇ ୫ ଦିନ ଭିତରେ ଏହିଁ ରାସ୍ତା ନିର୍ମାଣ ତ୍ୱରାନ୍ୱିତ କରିବା ପାଇଁ ଉକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ନୋଚେତ ଉକ୍ତ ଠିକାଦାରଙ୍କୁ ବ୍ଲାକ ଲିଷ୍ଟ କରାଯାଇ ନୂତନ ଟେଣ୍ଡର କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଡାଙ୍ଗଯୋଡ଼ି ଗ୍ରାମବାସୀ କହିଛନ୍ତି ।

### ଜନସେବା କେନ୍ଦ୍ରର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଆଗୁଆ ଜାମିନ ପାଇଁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ହାଟଡିହି,(ମହାଭାରତ) :** ପିଏଫ ଅନଲାଇନ୍ ଆବେଦନକୁ କେନ୍ଦ୍ର କରି ଗତ ଜୁନ ୨୭ ତାରିଖ ଗୁରୁବାର କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ନିକଟରେ ଥିବା ମରେଇଗାଁ ବଜାରରେ ଜନସେବା କେନ୍ଦ୍ରର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଗଣ୍ଡଗୋଳରେ ଦୋକାନ ଏବଂ ବାଇକ ପୋଡାଜଳା ସହ ଭଙ୍ଗାରୁଜା ହୋଇଥିଲା । ଜନ ସେବା କେନ୍ଦ୍ରର ମାଲିକ ଅମର ସେଠିଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅମରଙ୍କ ଭାଇ ଶରତ ସେଠିଙ୍କ ଅଭିଯୋଗ କ୍ରମେ ପୋଲିସ କେସ ନଂ ୨୦୯/୨୦୨୪ ଏବଂ ୧୪୭, ୧୪୮,୧୪୯, ୩୦୭,୩୨୩, ୩୨୪, ୪୨୭,୩୭୯, ୫୦୬,୩୪ ଧାରାରେ ଏକ ମାମଲା ରୁଜୁ କରିଥିଲା । ପୂର୍ବରୁ ପୋଲିସ ଚଣ୍ଡିଆବିରଞ୍ଚିପୁର ଗ୍ରାମର ଦାମୋଦର ଯେନା, ବିଜୟ ଓରଫ ଲିପୁ ଯେନାଙ୍କୁ ଗିରଫ କରିଥିଲା । ଅନ୍ୟ ଅଭିଯୁକ୍ତ ଫେରାର ଥିବାରୁ ଗିରଫ କରାଯାଇନଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି । ଅପରପକ୍ଷେ ଅଭିଯୁକ୍ତ ପ୍ରତାପ ଯେନା, ଭଗବାନ ଯେନା, ଅକ୍ଷୟ ଓରଫ ତପୁ ଯେନା, ଲୋକନାଥ ଯେନା,ସଞ୍ଜୟ ଓରଫ ସିପେଇ ଯେନା, ଯୋଗେନ୍ଦ୍ର ଯେନା ପ୍ରମୁଖ ୬ ଜଣ ଅଭିଯୁକ୍ତ ଗିରଫରୁ ବର୍ତ୍ତିବା ପାଇଁ ମାନ୍ୟବର ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି କ୍ଷ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି। କେସ ନଂ ଏବିଏଲଏପିଏଲ ୭୩୭୦/ ୨୦୨୪ ଅଟେ। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ ପାଇଁ ଅଭିଯୋଗକାରୀ ଶରତ ସେଠି ଦାବୀ କରିଛନ୍ତି ।

# 'କୌଶଳ ରଥ' ନିମନ୍ତେ ପ୍ରସ୍ତୁତି ବୈଠକ



**ଅନୁଗୋଳ,(ମହାଭାରତ) :** ଚଳିତ ମାସ ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ "କୌଶଳ ରଥ" ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୌଶଳ ରଥ ପରିଭ୍ରମଣର ରୁଟ ମ୍ୟାପ୍ ଅନୁମୋଦନ କରାଯାଇଛି । ସୂଚନା ମୁତାବକ ଏହି ରଥ ଚଳିତ ମାସ ୨୭ ତାରିଖରେ ଅନୁଗୋଳ ଉପଖଣ୍ଡର ଅନୁଗୋଳ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଜି ରାଉତ ଛାତ୍ରାବାସ, ଆର୍ ସେ ଟି ଟ୍ରେନିଂ ସେଣ୍ଟର ଓ ସରକାରୀ ପଲିଟେକ୍‌ନିକ୍ ଠାରେ ପରିଭ୍ରମଣ କରିବ । ସେହିପରି ୨୮ ତାରିଖରେ ପାଲଲହଡା ଉପଖଣ୍ଡର ମାଲ୍ୟଗିରି ଉଚ୍ଚବିଦ୍ୟାଳୟ, କାମ୍ପରକଳା ଆଶ୍ରମ ବିଦ୍ୟାଳୟ, ଜମରଡିହିଠାରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ନାମଗାଁ ସେବାଶ୍ରମ ଠାରେ ପରିଭ୍ରମଣ କରିବ । ୨୯ ତାରିଖରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ଓ ବାପୁଜୀ ମହାବିଦ୍ୟାଳୟ, ପୋଡାପଡାର ଉଚ୍ଚ ବିଦ୍ୟାଳୟ ଓ ଜରପଡାର ପତିତପାବନ ଉଚ୍ଚ ବିଦ୍ୟାଳୟଠାରେ ପରିଭ୍ରମଣ କରିବ । ୩୦ ତାରିଖରେ ଆଠମଲ୍ଲିକ ଉପଖଣ୍ଡର ସରକାରୀ ଆଇ ଟି ଆଇ, ଆଠମଲ୍ଲିକ ମହାବିଦ୍ୟାଳୟ, ଠାକୁରଗଡ ଉଚ୍ଚ ବିଦ୍ୟାଳୟ ଓ ବଇଣ୍ଡା ସ୍ଥିତ ରାମଦେଓ ଉଚ୍ଚ ବିଦ୍ୟାଳୟ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ରଥରେ ଅଭିଜ୍ଞତା ଥ?ିବା ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକାର କୁଶଳୀ, ଉଚ୍ଚ ଦକ୍ଷତା ଜନିତ ପ୍ରଶିକ୍ଷଣ ଓ ବିଭିନ୍ନ ମେସିନ୍?ର ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ସରକାରୀ ଯୋଜନା ଗୁଡିକ ସମ୍ପର୍କରେ ସଚେତନ କରାଯିବ। ଏହି ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣ୍ୟେନ୍ଦୁ ମହାନ୍ତି, ଆଠମଲ୍ଲିକର ଭାରପ୍ରାପ୍ତ ଉପଜିଲ୍ଲାପାଳ ଶ୍ରୀ ପ୍ରଭୂ ପିୟୁଷ ମହାପାତ୍ରଙ୍କ ସମେତ ବିଭିନ୍ନ ପଲିଟେକନିକ୍ କଲେଜର ଅଧକ୍ଷ, ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି, ଜିଲ୍ଲା ନିଯୋଜନ ଅଧିକାରୀ ଶ୍ରୀ ଦେବାଶିଷ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ସୁପ୍ରଭା ସେଠୀ ଓ ଆର ସେ ଟି ର ନିର୍ଦ୍ଦେଶକ ଶ୍ରୀ ବି କେ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ସମସ୍ତେ ମିଳିମିଶି କାମ କଲେ ବିକସଶିତ ବରୀ ଗଠନ ନିଶ୍ଚିତ



**ବରି,(ମହାଭାରତ) :** ବରୀ ବ୍ଲକ ସମ୍ମିଳନୀ କକ୍ଷରେ ପଂଚାୟତ ସମିତିର ଦ୍ୱିତୀୟ ସାଧାରଣ ଅଧିବେସନ ଅନୂଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡିଙ୍କ ଅଧକ୍ଷତାରେ ଅନୂଷ୍ଠିତ ଏହି ବୈଠକରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷ କରି ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ବିଭାଗର ଅର୍ଥ କିଭଳି ଭାବରେ ସଠିକ ବିନିଯୋଗ ହୋଇପାରିବ ଏବଂ ସରକାରୀ ଯେଜନା କିଭଳି ସାଧାରଣ ଲୋକଙ୍କ ନିକରେ ପହଂଚି ପାରିବ ସେ କ୍ଷେତ୍ରରେ କେବଳ ବିଧାୟକ ନୁହେଁ ସମସ୍ତ ଲୋକ ପ୍ରତିନିଧି ମାନେ ଅନ୍ତରିକତା ସହ ଉଦ୍ୟମ କଲେ ବିକସିତ ବରୀ ଗଠନ ସମ୍ଭବ ହୋଇପାରିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ ମତ ରଖିଥିଲେ। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପାନୀୟ ଜଳ,ଅଙ୍ଗନବାଡି, ବାର୍ଦ୍ଧକ୍ୟ ବତା, ମଧୁବାବୁ ପେନସନ୍ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପଂଚାୟତରେ କିଭଳି ସରକାରୀ ଯୋଜନା ଠିକଣା ଭାବେ ପହଂଚି ପାରିବ ସେ ସମ୍ପର୍କରେ ଧାନ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ରାସନ କାର୍ଡରେ ପରିବାର ସଭ୍ୟ ସଂଯୋଗୀକରଣ ବାର୍ଦ୍ଧକ୍ୟ ଭତା ମିଳିବାରେ ହେଉଥିବା ସମସ୍ୟା ,ପାନୀୟ ଜଳ ପ୍ରକଳ୍ପକୁ ସଚଳ କରିବା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବରୀ ତହସିଲଦାର ଶାଇଶ୍ରି ଲୋକନାଥ ସେଠି ବ୍ଲକ ଉପାଧକ୍ଷ ଅର୍ଚ୍ଚନା ମଳିକ, ସହକାରୀ ଯନ୍ତ୍ରୀସନ୍ଦୀପ ଦାସ, କନିଷ୍ଠ ଯନ୍ତ୍ରୀ ଓ ବ୍ଲକର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ମହାନ୍ତି, ଅଶୋକ ସାମଲ, ସୁମିତ୍ରା ଯାଦବ, ସନ୍ତୋଷ ସାମଲଙ୍କ ସମେତ ୨୯ ଗୋଟି ପଂଚାୟତର ସରପଂଚ ସମିତି ସଭ୍ୟ ସଭ୍ୟା ମାନେ ମଧ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ରମ୍ଭା ପଂଚାୟତର ସରପଂଚ ମାନସ ଜେନା ଯୋଗ ଦେଇ ସାରା ଓଡିଶାରେ ବରୀ ବିଧାୟକ ରେକଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବା ଆମ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ବରୀ ନିର୍ବାଚନ ମଣ୍ଡଳିର ବିଭିନ୍ନ ସମସ୍ୟାକୁ ସମାଧାନ କରିବା କ୍ଷେତ୍ରରେ ଆମେ ସମସ୍ତେ ମିଳିମିଶି ବିଧାୟକଙ୍କ ସହିତ ଉଦ୍ୟମ କଲେ ବିକଶିତ ବରୀ ଗଠନ ହୋଇ ପାରିବ ବୋଲି ମତ ରଖିଥିଲେ।

# ରିପୋର୍ଟର ଟୁଡେ ଓ ମହାଭାରତ ନିଉଜର ପ୍ରଭାବରେ ଆଜି ଆକ୍ସନ ମଡ଼ରେ ବନବିଭାଗ

**ରାଇଘର,(ମହାଭାରତ) :** ରିପୋର୍ଟର ଟୁଡେ ଓ ମହାଭାରତର ନିଉଜର ମହା ପ୍ରଭାବରେ ଆଜି ହାତୀଗାଁ ସଂରକ୍ଷିତ ଜଙ୍ଗଲ ର ପ୍ରାୟ ୫୦ କେକ୍ଟର ଜମି ହାତୀଗାଁ ପଞ୍ଚାୟତ ର ଖାଲେପାରା ଗ୍ରାମର କିଛି ଲୋକେ ବହୁ ପୁରାତନ ଗଛ କାଟି ଚାଷ ଜମି କରିବାକୁ ଚେଷ୍ଟା କରିଥିଲେ ।ରିପୋର୍ଟର ଟୁଡେ ଓ ମହାଭାରତର ନିଉଜର ମହା ପ୍ରଭାବରେ ଆଜି ବନବିଭାଗ ଖବର ପାଇ ଘଟଣା ସ୍ଥଳ ରେ ପହଞ୍ଚି ଏହାକୁ ଅଟକାଇ ଥିଲା ।କିନ୍ତୁ ପୁନର୍ବାର ସେହି ଗ୍ରାମର ଲୋକେ ଉକ୍ତ ଜମିରେ ଚାଷ କରିବାକୁ ଚେଷ୍ଟା କରିଥିଲେ । ଏହାକୁଦେଖି ଗ୍ରାମ ବାସୀଙ୍କ ରେଞ୍ଜର ଗାର୍ଡ ଙ୍କୁ ଅଭିଯୋଗ କରିଥିଲେ କିନ୍ତୁ ଗ୍ରାମ ବାସୀଙ୍କ କଥା ବନବିଭାଗର କର୍ମ ଚାରି କେହିବି ଶୁଣିନଥିଲେ ଏହାପରେ ଆମ ରାଇଘର ଗଣମାଧ୍ୟମ ପ୍ରତିନିଧି ଲଳିତ ସୁନାନୀ ଙ୍କ ପାଖରେ ଅଭିଯୋଗ କରିଥିଲେ ଗ୍ରାମ ବାସୀ ଅଭିଯାଗ ଆଧାରରେ ରିପୋର୍ଟର ଟୁଡେ ଓ ମହାଭାରତରେ ଖବର ପ୍ରସାରଣ ହେବାପରେ ଗତ କାଲି ସକାଳୁ ବନବିଭାଗ ତତ୍ପରତା ଦେଖାଥିଲା ଏବଂ ଦୁଇଜଣର ଏ ସି ଏଫ ଓ ସୁବାସ ଚନ୍ଦ୍ର ଖୁଣ୍ଟିଆ ଏବଂ ଦିବ୍ୟ ମାଧୁରୀ ସେଠି ଙ୍କ ନେତୃତ୍ୱ ରେ ଜିଲ୍ଲାର ୬ଟି ରେଞ୍ଜ ନବରଙ୍ଗପୁର ,କୋଡୀଗାଁ , ଡାବୁଗାଁ ,ଉମରକୋଟ , ରାଇଘର, ଝରୀଗାଁ ର ରେଞ୍ଜର , ଫରେଷ୍ଟର, ଫରଷ୍ଟ ଗାର୍ଡ, ପାରା ଷ୍ଟାଫ ମିଶି ପ୍ରାୟ ୧୫୦ଜଣ ଯାଇ ପୁନର୍ବାର ସେମାନେ ଆରମ୍ଭ କରିଥିବା ଚାଷ ଜମି ପାଖା ପାଖି ୬ ହେକ୍ଟର ଜମି କୁ ଉଦ୍ଧାର କରି ସେଠାରେ ଚାରା ଏବଂ ମଞ୍ଜି ବୁଣିଥିବା ବନବିଭାଗ ପ୍ରକାଶ କରିଛି । ଏଥି ସହ ସେହି ଅଞ୍ଚଳ ର ଲାପିବେଡା ,କୋଦମାଳି ,ନୂଆପାରା ଗ୍ରାମର ଲୋକେ ଯେଉଁ ମାନେ ଗଛ କାଟି ଜମି ଅଧିଗ୍ରହଣ କରିଛନ୍ତି ସେମାନଙ୍କୁ ବେଦଖଲ କରି ସେଠାରେ ନୂତନ ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ନେଇ ପ୍ରକାଶ କରିଛି ରାଇଘରରୁ ଲଳିତ ସୁନାନୀ ଙ୍କ ରିପୋର୍ଟ ରିପୋର୍ଟର ଟୁଡେ।

# ଗୋଷ୍ଠୀ ସଂଘର୍ଷ ପରେ ପ୍ରଶାସନର ଶାନ୍ତି ବୈଠକ ବିଫଳ



**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତର ନୂଆ କେଶଡିହାରେ ଗୋଷ୍ଠୀ ସଂଘର୍ଷ ପରେ ଜଣଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁକୁ ନେଇ ଭିତରେ ଭିତରେ ନିଆଁ କୁହୁଳୁଛି । ଫଳରେ ପ୍ରଶାସନ ଶାନ୍ତି ବୈଠକ ପାଇଁ ପ୍ରୟାସ କରିଛି । ମାତ୍ର ଏହି ପ୍ରୟାସ ଲୋକଦେଖାଣିଆ ଓ ଧର୍ମକୁ ଆଖିଠାର ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ପ୍ରଶାସନ କେବଳ ନିଜ ଶିଙ୍ଗରେ ମାଟି ତାଡିବାକୁ ଚେଷ୍ଟା କରି ମାଟି କାମୁଡ଼ିଛି । ୧୯ ତାରିଖରେ ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ଉପଜିଲ୍ଲାପାଳଙ୍କ ଦ୍ୱାରା ଆହୁତ ବୈଠକ ବିନା ନିଷ୍କର୍ଷରେ ସରିଛି। ନୂଆ କେଶଡିହାରେ ଗ୍ରାମ୍ୟ ଜଙ୍ଗଲ ସଫା କରି ୨୫ ବର୍ଷ ଆଗରୁ ଦଖଲ କରିଥିବା ଲୋକଙ୍କୁ ଅନ୍ୟ ଜାଗା ଦିଆଯିବ ବୋଲି ପ୍ରଶାସନ କହିଥିବା କଥାକୁ ଲୋକେ ଗ୍ରହଣ କରିନାହାନ୍ତି । ଆଲୋଚନା ଭାଷଣରେ ସରିଲା । ଗଣ୍ଡଗୋଳ ନକରିବା ପାଇଁ ଉପଜିଲ୍ଲାପାଳ ଏବଂ ଏସଡିପିଓ ଲୋକଙ୍କୁ ଅନୁରୋଧ କରି ଶାନ୍ତି ରଖିବାକୁ ପରାମର୍ଶ ଦେଇଥିଲେ । ଗ୍ରାମ୍ୟ ଜଙ୍ଗଲ ଦିଆଯାଇପାରିବ ନାହିଁ ବୋଲି ପ୍ରଶାସନ କହିଥିବା କଥାକୁ ବିଶ୍ୱାସକୁ ନେଲେ ନାହିଁ ଲୋକେ । ଅନ୍ୟତ୍ର ଜମି ଦେଲେ ଜାଗା ଛାଡ଼ିବୁ ବୋଲି ନୂଆ କେଶଡିହାରେ ରହୁଥିବା ପରିବାର କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ ପ୍ରଶାସନ ସ୍ଥାନୀୟ ବିଧାୟକ, ଅଧକ୍ଷା, ଉପାଧକ୍ଷ, ନିର୍ବାଚିତ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧିଙ୍କୁ ଆଲୋଚନାରେ ସାମିଲ କରିବା ଦୂରର କଥା ଖବର ମଧ ଦେଇନଥିଲା । ଫଳରେ ବୈଠକଯେ କେବଳ ଲୋକ ଦେଖାଣିଆ ପ୍ରୟାସ ତାହା ପ୍ରମାଣିତ ହୋଉଛି । ବୈଠକରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଏସଡ଼ିପିଓ ସୁବ୍ରତ କୁମାର, ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସୁଶ୍ରୀ ସୁପ୍ରିୟା, ବନାଞ୍ଚଳ ଅଧିକାରୀ କିଶର ପାଣିଗ୍ରାହୀ, ମହୁଲଦଡିହା ଥାନାଧିକାରୀ ପ୍ରମୁଖ ଯୋଗଦେଇଥିଲେ । ସାମ୍ବାଦିକ ଫଂଟ ଉତ୍ତଳ କଲା ବେଳେ ଠାକୁରମୁଣ୍ଡା ବିଡ଼ିଓ ଶ୍ରୀ ବେହେରା ମନା କଲେ ।

# ଲକ୍ଷ୍ମୀପୁର ବିଧାୟକଙ୍କ ଦ୍ୱାରା ସମୀକ୍ଷା ବୈଠକ ଅନୁଷ୍ଠିତ



**ନାରାୟଣପାଟଣା,(ମହାଭାରତ) :** କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହ ରେ ଶୁକ୍ରବାର ଦିନ ଲକ୍ଷ୍ମୀପୁର ବିଧାୟକଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ଦିନ ୧୦ରୁ ଆରମ୍ଭ ହୋଇ ରାତି ୧୦ ପର୍ଯ୍ୟନ୍ତ ବିନା ବ୍ରେକ ରେ ଚାଲିଥିଲା ଏପରି ୧୨ ଘଣ୍ଟାର ସମୀକ୍ଷା କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଖାଲି ସେତିକି ନୁହେଁ ପବିତ୍ର ସାଉନ୍ତା ଗୋଟି ଗୋଟି କରି ବିଭିନ୍ନ ବିଭାଗ ଉପରେ ଆସିଥିବା ଅଭିଯୋଗର ସମୀକ୍ଷା କରିଥିଲେ।ବିଶେଷ କରି ନାରାୟଣପାଟଣା ମହକୁମା ରେ ଅଜିପର୍ଯ୍ୟନ୍ତ ସଠିକ୍ ଭାବେ ଜଳ ଯୋଗାଣ ହୋଇପାରୁ ନଥିବା ଅଭିଯୋଗ ଆସିଥିବାବେଳେ ଅଧିକାରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ପ୍ରତ୍ୟେକ ସାହିକୁ ପାଣି ପହଞ୍ଚିବା ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ପରିମଳ ବେବସ୍ତା ଦେଖି ପଞ୍ଚାୟତ ଅଧିକାରୀ ଙ୍କ ଉପରେ ବର୍ଷୀ ଥିଲେ ଓ ଗୁରୁତର ସହ ସୁଧାରିବାକୁ ପରାମର୍ଶ ଦେଇଥିଲା । ସେହିପରି ଶିଶୁ କଲ୍ୟାଣ ବିଭାଗ ଉପରେ ଅଧିକ ଅଭିଯୋଗ ଆସିଥିଲା।ଠିକ୍ ଭାବେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ଚାଲୁ ନଥିବା ବେଳେ ପ୍ରିସ୍କୁଲ ମଧ ବନ୍ଦ ରହୁଥିବା ସମସ୍ତ ଲୋକ ପ୍ରତିନିଧି ମାନେ ଅଭିଯୋଗ କରିଥିଲେ । କୃଷି ଅଧିକାରୀ ଙ୍କୁ ସରକାର ଙ୍କ ବିଭିନ୍ନ ଯୋଜନା କୁ ପ୍ରତ୍ୟେକ ଚାଷୀ ଙ୍କ ପାଖରେ ପହଞ୍ଚାଇ କିପରି ଉନ୍ନତ ଚାଷ କରିପାରିବେ ତତ୍ପ୍ରତି ଅଧିକ ଯତ୍ନମାନ ହେବାକୁ କହିଥିଲେ । - ସେହିପରି ବ୍ଲକରେ ବାର୍ ବାର୍ ବିଜୁଳି କାଟ୍ ସାଙ୍ଗକୁ ଅଧିକାଂଶ ଗ୍ରାମ ଗୁଡିକରେ ବିଜୁଳି ନଥିବା ଅଭିଯୋଗ ହୋଇଥିଲା। ଏହାକୁ ବିଧାନ ସଭାରେ ଉଠାଇବି ବୋଲି ବିଧାୟକ କହିଥିଲେ।ଏଥିସହ ମତ୍ସ୍ୟ ବିଭାଗ ଓ ମୃତ୍ତିକା ସଂରକ୍ଷଣ ବିଭାଗ କେବଳ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଛାଡ଼ି ଦେଲେ ବାକି ଦିନ ସେମାନଙ୍କ ଦେଖା ମିଳୁନଥିବା ଅଭିଯୋଗ ହୋଇଥିବାରୁ ବିଭାଗୀୟ ଅଧିକାରୀଙ୍କ ପ୍ରତି ବିରକ୍ତି ପ୍ରକାଶ କରିଥିଲେ। ଏହି ବୈଠକ ଦିନ ଗୋଟାଏ ରୁ ଆରମ୍ଭ ହୋଇ ରାତି ସାଢ଼େ ଦଶଟାରେ ଶେଷ ହୋଇଥିଲା।ଯାହାକୁ ନେଇ ଉପସ୍ଥିତ ପ୍ରତ୍ୟେକ ବିଭାଗର ଅଧିକାରୀ ମାନେ ଆଶ୍ଚର୍ଯ୍ୟ ହୋଇ ପଡିଥିଲେ।ବ୍ଲକରେ ଏହା ପୂର୍ବରୁ ଅନୁଷ୍ଠିତ ହେଉଥିବା ଅଧିକାଂଶ ବୈଠକ ସକାଳ ଦଶରୁ ଗୋଟାଏ ପର୍ଯ୍ୟନ୍ତ ଚାଲେ। ସେଥରେ କିଛି ସରକାରୀ ବାବୁ ମାନେ ଅଳ୍ପ ସମୟ ଧରି ଉପସ୍ଥିତ ରହି ଚାଲି ଯାଉଥିଲେ।ଏବେ କିନ୍ତୁ ବିଧାୟକ ନିଜେ ଦଶ ଘଣ୍ଟା ଧରି ବୈଠକରେ ଉପସ୍ଥିତ ରହି ଟିକି ନିଖି ଭାବେ ପ୍ରତ୍ୟେକ କାର୍ଯ୍ୟର ସମୀକ୍ଷା କରୁଥିବାରୁ ଠକିକି ରହିଯାଉଥିବା ସରକାରୀ ବାବୁ ମାନେ ଏବେ କୁଆଡେ ଛାନିଆ ହୋଇ ପଡ଼ିଥିବା ଶୁଣିବାକୁ ମିଳିଛି।ଏହି ବୈଠକରେ ନାରାୟଣପାଟଣା ପଞ୍ଚାୟତ ସମିତି ଅଧକ୍ଷ ଗୋଲାଦି ତ୍ରିନାଥ,ଉପାଧକ୍ଷା ରିନୁ ଦାସ,ବିଡ଼ିଓ ପୀୟୂଷ ଲହର,ଜିଲ୍ଲାପରିଷଦ ସଭ୍ୟ ରାମ୍ବ ସିର୍କା ପ୍ରଭୃତି ମଞ୍ଚାସିନ ଥିବାବେଳେ ସମସ୍ତ ବିଭାଗର ଅଧିକାରୀ,ଲୋକ ପ୍ରତିନିଧିଙ୍କ ସମେତ କଂଗ୍ରେସ ଦଳର କର୍ମ କର୍ତ୍ତା ସାଙ୍ଗକୁ କଂଗ୍ରେସ ଦଳର ସମର୍ଥିତ ଲୋକ ପ୍ରତିନିଧି,ବ୍ଲକ୍ ସଭାପତି ଉପସ୍ଥିତ ଥିଲେ।ଆଗକୁ ବିଧାୟକ ଙ୍କ ଏହିପରି ବୈଠକରେ ସରକାରୀ ବାବୁଙ୍କ ପାଦ ପଡୁଛି ନା ଠକିକି ରହି ଯାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ ସଚେତନତା

**ଆସିକା,(ମହାଭାରତ) :** କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ୧ ଜୁଲାଇ ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ସାରା ଦେଶ ବ୍ୟାପି ସଫେଇ



ଆପଣାନ୍ତୁ ରୋଗ ହଟାନ୍ତୁ ସଚେତନତା ଶିବିର ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଆସିକା ସହରର ବିଭିନ୍ନ ୱାର୍ଡ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଚାଲୁ ଅଛି । ଆଜି ଏହି ଶିବିର ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବିଦ୍ୟାମନ୍ଦିରର ଛାତ୍ର,ଛାତ୍ରୀ ମାନଙ୍କୁ ନେଇ ସାନିଟେସନ ଅଫିସର ଦୀପ୍ତିମୟୀ ସାହୁଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଛାତ୍ର ଛାତ୍ରୀ ଙ୍କୁ କିପରି ହାତ ପାପୁଲି କୁ ଠିକ ଭାବେ ଧୋଇବା, ସିଝା ପାଣି କିମ୍ବା ହଲୋଜେନ ବଟିକା ପଡ଼ିଥିବା ପାଣି ପିଇବା, ବାହାରେ ଝାଡା ନଫେରିବା, ତଟକା ଗରମ ଖାଦ୍ୟ ଖାଇବା, ପାତ୍ର ରେ ହାତ ନବୁଡେଇ ଡଙ୍କି ସାହାଯ୍ୟରେ ପାଣି କାଢି ପିଇବା ବିଷୟରେ ସଚେତନ କରାଇଥିଲେ। ଏହି ଶିବିରରେ ସ୍ୱଚ୍ଛ ସୁପରଭାଇଜର ଜେ ପାଣ୍ଡାନୀ ଆଚାରୀ,ସ୍ୱଚ୍ଛ ସାଥି ସି.ଏଚ. ରାଜଲକ୍ଷ୍ମୀ ଆଚାରୀ, ଯାଜ୍ଞସେନୀ ପୋଲାଇ, ମିନତୀ ମହାନ୍ତି, କେ. ଜ୍ୟୋତି ଦୋରା,ପ୍ରଭାସିନୀ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ବିଷଦ ଭାବେ ବୁଝାଇଥିଲେ।

# ଖଣି ଅଞ୍ଚଳର ଗର୍ବ ଓ ଗୌରବ ପୁଷ୍ପା ଓ ଦିଲସାନ



**ଯୋଡ଼ା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡ଼ା ଏକ ଉପାନ୍ତ ଅଞ୍ଚଳ । ପାହାଡ଼ ପର୍ବତ ଭରା ଖଣିଜ ପଦାର୍ଥରେ ଭରପୁର ଏ ଅଞ୍ଚଳ । ଏଠାରେ ପ୍ରାୟେତ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି । ସାଧାରଣତଃ ଆଦିବାସୀ ମାନେ ପୁରାତନ ସଭ୍ୟତା ସହିତ ବେଶ ପରିଚିତ । ସମୟ କ୍ରମେ ଧୀରେ ଧୀରେ ସେମାନଙ୍କ ଚଳଣି ବଦଳିବା ସହିତ ସମାଜର ମୁଖ୍ୟ ଶ୍ରୋତରେ ସାମିଲ ହେଲେ । ପରେ ଶିକ୍ଷା କୁ ଗୁରୁତ୍ୱ ଦେବା ସହିତ ବିଭିନ୍ନ ଖେଳ ପ୍ରତି ରୁଚି ରଖିଲେ । ଯାହା ଆଜି ସମଗ୍ର ରାଜ୍ୟ ତଥା ଖଣି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ । ଆମେ କହୁଛୁ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ବାସିନ୍ଦା କମଳାକାନ୍ତ ମୁଣ୍ଡାଙ୍କ ସୁପୁତ୍ରୀ ପୁଷ୍ପା ମୁଣ୍ଡା ଓ ୧୧ ନମ୍ବର ୱାର୍ଡର ବାସିନ୍ଦା ଦିଲସାନ ବେହେରାଙ୍କ କଥା । ଦୁହେଁ ଅଭାବୀ ପରିବାରର । ପଇସା ଅଭାବରୁ ଅଧାରୁ ପାଠ ଛାଡି ଘର କାମରେ ନିୟୋଜିତ ଥିଲେ । ଏକଥା ଟାଟାଷ୍ଟିଲ ଫାଉଣ୍ଡେସନର କର୍ମଚାରୀଙ୍କ ନଜରକୁ ଆସିଥିଲା । ଟାଟାଷ୍ଟିଲ ଫାଉଣ୍ଡେସନ ସେମାନଙ୍କୁ ଆଣି ପାଠ ପଢିବା ସାଙ୍ଗକୁ ଫୁଟବଲ ଖେଳିବାକୁ ପ୍ରୋତ୍ସାହିତ କରିଥିଲେ । ଦୁହେଁ ପାଠ ପଢିବା ସହିତ ଭଲ ଫୁଟବଲ ମଧ ଖେଳନ୍ତି । ନିକଟରେ କଳିଙ୍ଗ ନଗର ଠାରେ ୧୫ ବର୍ଷରୁ କମ ଓ ୧୭ ବର୍ଷରୁ କମ ଦୁଇଟି ବିଭାଗରେ ଖେଳାଳି ଚୟନ କରାଯାଇଥିଲା । ପୁଷ୍ପା ଓ ଦିଲସାନ ଉଭୟେ କଳିଙ୍ଗ ନଗରରେ ଉତ୍ତମ ଖେଳ ପ୍ରଦର୍ଶନ କରିବା ସହିତ ଭୁବନେଶ୍ୱର ଠାରେ ଖେଳି ନୂଆ ଦିଲ୍ଲୀ ଖେଳିବାକୁ ଯାଇଥିଲେ । ସେଠାରେ ଦୁହେଁ ଉତ୍ତମ ଖେଳ ପ୍ରଦର୍ଶନ କରି ନୂଆଦିଲ୍ଲୀ ସ୍ଥିତ ସୁଦେବା ଫୁଟବଲ ସ୍କୁଲରେ ପ୍ରଶିକ୍ଷଣ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆଜି ଦୁହେଁ ଦିଲ୍ଲୀରୁ ଫେରି ଯୋଡ଼ା ବସଷ୍ଟାଣ୍ଡରେ ପହଂଚିବା ପରେ ସେଠାରେ ଉପସ୍ଥିତ ଟାଟା ଫାଉଣ୍ଡେସନର କର୍ମଚାରୀ ସମେତ ଉଭୟଙ୍କ ପରିବାର ଲୋକେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜଣାଥିଲେ । ପୁଷ୍ପା ଓ ଦିଲସାନ କହନ୍ତି ଆଗାମୀ ଦିନରେ ଆମେ ଭଲ ଖେଳିବାକୁ ଚେଷ୍ଟା କରିବୁ ଓ ଦେଶ ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରିବୁ ଏଥିରେ କୌଣସି ସନ୍ଦେହ ନାହିଁ। ପୁଷ୍ପା ଓ ଦିଲସାନଙ୍କ କୋଚ୍ ବାଦଲ ମହାକୁଡ଼ କହନ୍ତି ମୁଁ ପିଲାମାନଙ୍କୁ ଉଚିତ ଶିକ୍ଷା ଦେଇ ଆସିଛି ଯାହା ଆପଣମାନେ ଦେଖୁଛନ୍ତି । ମୁଁ ଚେଷ୍ଟା ଜାରି ରଖିଛି ଆଗାମୀ ଦିନରେ ଅନେକ ପିଲା ଯୋଡ଼ା ଅଞ୍ଚଳରୁ ଯାଇ ଦେଶ ପାଇଁ ଖେଳିବେ ଏବଂ ଦେଶର ନାଁ ରଖିବେ ।

# ୱାର୍ଡ ସଭ୍ୟ ପୁନଃ ନବୀକରଣ ଓ ପ୍ରଶିକ୍ଷଣ ଶିବିର



**ଆସିକା ,(ମହାଭାରତ) :** ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ୱାର୍ଡ ସଭ୍ୟ ପୁନଃ ନବୀକରଣ ସାଙ୍ଗକୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଫକିର ଚରଣ ପରିଡ଼ାଙ୍କ ଅଧକ୍ଷତାରେ ଆୟଜିତ ପ୍ରଶିକ୍ଷଣ ଶିବିର ରେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା, ସ୍ଥାୟୀ କମିଟି ଗଠନ ଓ କାର୍ଯ୍ୟ ସହ ଗ୍ରାମ ପଞ୍ଚାୟତରେ ନିଜସ୍ୱ ଆୟ ବୃଦ୍ଧିର ସୁଯୋଗରେ ୱାର୍ଡ ସଦସ୍ୟଙ୍କ ଭୂମିକା ଉପରେ ଅବଗତ କରାଯାଇଥିଲା, ସେହିଭଳି ଅର୍ଥ କମିଶନ ଅନୁଦାନରେ ସୁପରିଚାଳନା ଓ ସଦ୍ ବିନିଯୋଗ ପରେ ଗ୍ରାମୀଣ ଆବାସ ଯୋଜନା, ନରେଗାରେ ପ୍ରାକୃତିକ ସମ୍ବଳର ପରିଚାଳନା ଓ ଜୀବିକା ବୃଦ୍ଧି କାର୍ଯ୍ୟ ସଂକ୍ରାନ୍ତରେ ତାମିଲ ଦିଆ ଯାଇଥିଲା ପରିସେଶରେ ବିପର୍ଯ୍ୟୟ ପରିଚାଳନା ଓ ସେଥିରେ ୱାର୍ଡ ସଦସ୍ୟଙ୍କ ଭୂମିକା ନେଇ ପୋର୍ଟାଲ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ୨୭ ବ୍ଲକର ପର୍ଯ୍ୟାୟ ଭାବେ ତାଲିମ ଦିଆଯିବ । ଏଥିରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ, ସୁକାନ୍ତ କୁମାର ନାୟକ, କମ୍ପ୍ୟୁଟର ପୋଗ୍ରାମର ଦେବେନ୍ଦ୍ର କୁମାର ପାତ୍ର, ଗୋଷ୍ଠି କାର୍ଯ୍ୟକ୍ରମ ସଂଯୋଜକ ସନ୍ତୋଷ କୁମାର ପ୍ରଧାନ ସମେତ ଅନ୍ୟତମ ତାଲିମ ଅଧିକାରୀ ନନ୍ଦିତା ଦାସ, ସୁକାନ୍ତ କୁମାର ନାୟକ ଓ ଦେବେନ୍ଦ୍ର ପାତ୍ର ପ୍ରମୁଖ ଏହିକୁ ପରିଚାଳନା କରିଥିଲେ ।

# ଜେଜେମାଙ୍କ କାନ୍ଧ ଉପରେ ଦୁଇ ନାବାଳକଙ୍କ ଦାୟିତ୍ୱ



ଜୟପାଟଣା / ମୁଖିଗୁଡ଼ା(ମହାଭାରତ):-- ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତ ଛତାବାନ୍ଧୁଗୁଡା , ଗାଁ ର ବାପ ଛେଉଣ୍ଡ ଦୁଇ ନାବାଳକ ପୁଅ ଝିଅ, ଗଜିନ୍ଦ୍ର ଦଣ୍ଡସେନା ବୟସ ୫,ଓ କମଳା ଦଣ୍ଡସେନା ବୟସ ୪,ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ସାମ୍ନା କୁ ଆସିଛି। ଏହି ଦୁଇ ଲୋକଙ୍କ ସାହାରା ହେଉଛି ବୁଢ଼ୀ ଜେଜେମା, ଏ ମାନଙ୍କ ସାହାରା ବୋଲି କିଛି ନାହିଁ କି ରୋଜଗାର କିଛି ନାହିଁ, ଘଟନାରୁ ପ୍ରକାଶ କି ବାପା ବିଷ୍ଣୁ ଦଣ୍ଡସେନା ଅସମୟରେ ଆରପାରି କୁ ଚାଲି ଗଲା, ସେ ହିଁ ଏକୁଟିଆ ଘର ର ରୋଜଗାରିଆ ପୁଅ ଥିଲେ। ଜେନ ତେଣ ପରିବାର ପ୍ରତି ପୋଷଣ କରୁଥିଲେ ତା ଆଗରୁ ଜେଜେ ବାପା ମଧ ଆର ପାରି କୁ ଚାଲି ଗଲେ ।କିନ୍ତୁ ଦୁଃଖ ର ସମୟରେ ଦୁଇ ଛୁଆ ଙ୍କୁ ଛାଡି ମା କୁ ଆଡ଼େ ଚାଲି ଗଲା। ସେ ଦିନ ଠାରୁ ବୁଢ଼ୀମା ହିଁ ତାଙ୍କର ସାହା ଭରଷା, ବୁଢ଼ୀ ମା ଙ୍କ ର କୌଣସି ରାହା ନାହି, ସେଥି ପାଇଁ ଚଳିବା ବହୁ ମୁସ୍କିଲ ହୋଇ ପଡ଼ିଛି। ଖାଇବା ପାଇଁ ଦାନ ପାଣି କିପରି ଛୁଆ ଙ୍କୁ ପାଠ ପଢେଇବେ, ଚିନ୍ତା ରେ ଭାଙ୍ଗି ପଡିଛନ୍ତି। ଏହି ବାପା ମା ଛେଉଣ୍ଡ ପିଲା ଙ୍କ କିଛି ଥଇଥାନ ପାଇଁ ଗାଁ ର ବୁଦ୍ଧି ଯିବି ଜୟପାଟଣା ଆଦିବାସୀ ସଂଘ ର ସଭାପତି ମନୋଜ ପାତ୍ର, ପୁରୁସୁତ୍ତମ ମାଝୀ, ଗଙ୍ଗାଧର ମାଝୀ, ଖବର କାଗଜ ମାଧମ ରେ ଦୃଷ୍ଟି ଆକର୍ଷଣ କରିଛନ୍ତି।ଏ ନେଇ ଜୟପାଟଣା ବି ଡି ଓ ଶ୍ରୀ ଯୁକ୍ତ ଧର୍ମରାଜ ମାଝୀ ଙ୍କୁ ପଚାରିବାରୁ, ତଦନ୍ତକୁ କରି ଥାଇଥାନ କରାଯିବ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଜିଲ୍ଲାସ୍ତରୀୟ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଜପତି(ମହାଭାରତ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଆଜି ଗଜପତି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ 'ଶିଶୁଙ୍କ ପାଇଁ ଦିନ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସ୍ୱାତୀ ଏସ କୁମାର, ଆରକ୍ଷୀ ଅଧିକ୍ଷକ ଗଜପତିଙ୍କ ଅଧକ୍ଷତା କରି ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜି.ତିରୁପତି ରାଓ, ଅଧକ୍ଷ,ଜିଲ୍ଲା ପରିଷଦ ଗଜପତି, ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀମତୀ ନିର୍ମଳା ସେଠୀ, ଅଧକ୍ଷା,ପୌର ପରିଷଦ ପାରଳାଖେମୁଣ୍ଡି, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି, ଶ୍ରୀ ଦିଲ୍ଲୀପ କୁମାର ବେହେରା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି, ଶ୍ରୀ ଆଲୋକ ରଞ୍ଜନ ରାୟ,ଅଧକ୍ଷ,ପୋଲିସ ୟୁନିଟ ଗଜପତି, ସମିତି, ଗଜପତି, ପ୍ରମୁଖ ଯୋଗଦେଇଥିଲେ।

# ଚୋରି ଘଟଣାର ଦୁଇ ଅଭିଯୁକ୍ତ ଗିରଫ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ଗଡ଼ର ଗାଁ ରାସ୍ତାରୁ ରୁପା ଗହଣା ଚୋରି ଘଟଣାରେ ୨ ଜଣ ଅଭିଯୁକ୍ତ କୁ ଗିରଫ କରିଛି ଉଦୟଗିରି ପୋଲିସ । ସେମାନଙ୍କ ଠାରୁ ୫ କେଜି ରୁପା ଓ ଗୋଟିଏ ବାଇକ ଜବତ କରାଯାଇଛି ବୋଲି ମଙ୍ଗଳବାର ଆର. ଉଦୟଗିରି ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମିଳନୀରେ ଏହି ସୂଚନା ଦେଇଛନ୍ତି ଗଜପତି ଏସପି ସ୍ୱାତି ଏସ କୁମାର । ଏସପି ଙ୍କ ସୂଚନା ପ୍ରକାରେ ଗତ ୧୦ ତାରିଖ ଦିନ ସକାଳ ପ୍ରାୟ ସାଢେ ୭ ଟାରେ ମୋହନା ଥାନା ଚନ୍ଦ୍ରଗିରି ର ସନ୍ତୋଷ ମହାପାତ୍ର ଗୋଟିଏ ବାଇକ ରେ ରୁପା ଗହଣା ବିକ୍ରି ପାଇଁ ଛେଲାଗଡ ଅଞ୍ଚଳକୁ ଯାଉଥିଲେ । ଗଡ଼ର ଗାଁ ନିକଟରେ ୨ ଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ପାଖରେ ଥିବା ରୁପା ଗହଣା ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ । ଏନେଇ ସନ୍ତୋଷ ଆର. ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ । ବ୍ୟାଗରେ ୫ କେଜିର ରୁପା ଗହଣା ଥିବା ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ କ୍ଷ ଅଭିଯୋଗ ଅନୁଯାଇ ଆର. ଉଦୟଗିରି ଥାନାରେ ମାମଲା ରୁଜୁ କରି ତଦନ୍ତ କରୁଥିଲା ପୋଲିସ । ରୂପା ଗହଣା ସବୁତକ ପାଇ ବେଶ୍ ଖୁସି ଅନୁଭବ କରିବା ସହ ପୋଲିସ କୁ ଅଶେଷ ଅଶେଷ ଧନ୍ୟବାଦ୍ ଦେଇଛନ୍ତି ବ୍ୟବସାୟୀ ।

## ରାଣୀଗଡ ଆଶ୍ରମ ବିଦ୍ୟାଳୟ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଆଜି ବନମୋହତ୍ସବ ପାଳନ ଅବସରରେ ରାଣୀଗଡ ପଂଚାୟତ ର ରାଣୀଗଡ ଆଶ୍ରମ ବିଦ୍ୟାଳୟ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ର ଅଯୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ଜୟପୁର ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତି ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଗୋଟିଏ ବୃକ୍ଷ ପଦ୍ମଶ୍ରୀ କମଳା ପୂଜାରୀ ଙ୍କ ସ୍ମୃତୀ ଉଦ୍ଦ୍ୟେଶ ରେ ରୋପଣ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କୁ ସେହି ବୃକ୍ଷ ଟିର ଉଚିତ ରକ୍ଷଣା ବେକ୍ଷଣ କରିବା ପାଇଁ କହିଥିଲେ । ପ୍ରଧାନଶିକ୍ଷକ ଙ୍କ ଦ୍ୱାରା ଦୀର୍ଘ ବର୍ଷ ହେବ ଚାଲିଥିବା ଘରଟିଏ ଗଛଟିଏ କ୍ରମରେ କେତେ ଅବିଭାବକଙ୍କୁ କିଛି ଚାରା ପ୍ରଦାନ କରି ନିଜ ମା ଙ୍କ ନାମରେ ଗଛଟି ଲଗାଇ ତାକୁ ବଡ କରାଇବାକୁ କହିଥିଲେ ।ବିଦ୍ୟାଳୟ ରେ ରହୁଥିବା ଛାତ୍ରଛାତ୍ରୀ ଙ୍କ ହଷ୍ଟେଲ ବୁଲି ଦେଖିଥିଲେ । ଛାତ୍ରଛାତ୍ରୀ ଙ୍କ ସହ ବାର୍ତାଳାପ କରି ସେମାନଙ୍କର ସୁବିଧା ଅସୁବିଧା ବୁଝିଥିଲଲେ । ଆଜି ରୋଷଇ ରେ ପିଲାମାନଙ୍କ ପାଇଁ ତିଆରି ହୋଇଥିବା ଭାତ, ଡାଲି, ତରକାରୀ ଓ ଅଣ୍ଡା ଦେଖି ଖୁସି ବ୍ୟକ୍ତ କରି ଥିଲେ । ପୁଅ ଏବଂ ଝିଅ ମାନଙ୍କ ସହ କଥାବାର୍ତା ତାଙ୍କୁ ଅଶେଷ ଆନଂଦ ପ୍ରଦାନ କରିଥିବା ବ୍ୟକ୍ତ କରିଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ଗ୍ରାମବାସୀ ଙ୍କ ଅନୁରୋଧ କ୍ରମେ ରାଣୀଗଡ ଆଶ୍ରମ ବିଦ୍ୟାଳୟ କୁ ଉଚ୍ଚ ବିଦ୍ୟାଳୟ କରିବା ନିମନ୍ତେ ଜ଼ିଲ୍ଲା ମଙ୍ଗଳ ଅଧିକାରୀଶ୍ରୀ ସୁନୀଲ କୁମାର ତାଣ୍ଡି ଙ୍କ ସହ ଫୋନ ଯୋଗେ ଆଲୋଚନା କରି ଥିଲେ । ଛାତ୍ର ଛାତ୍ରୀ ଙ୍କ ଆବଶ୍ୟକତା କୁ ଧରି ଅତିଶୀଘ୍ର ଏହି ବିଦ୍ୟାଳୟ କୁ ଉଚ୍ଚ ବିଦ୍ୟାଳୟ ରେ ପରିଣତ କରିବା ପାଇଁ ସରକାର ଙ୍କୁ ଅନୁରୋଧ କରିବ। ସହ ନିଜେ ଚେଷ୍ଟା କରିବେ ବୋଲି କହିଥିଲେ । ବିଦ୍ୟାଳୟ ର ବଗିଚା, ହଷ୍ଟେଲ ର ପରିଷ୍କାର ପରିଚ୍ଛନତା ଓ ସ୍ୱାସ୍ଥ୍ୟକର ପରିବେଶ ନିମନ୍ତେ ପ୍ରଧାନ ଶିକ୍ଷକ ଓ ତାଙ୍କ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସେବାୟତ ମାନଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ଶଙ୍କର ପ୍ରହରାଜ, ଶିକ୍ଷୟତ୍ରୀ ଲିଲି ବେହେରା, ଜୟ ଗୋବିନ୍ଦ ସାହୁ, ମାନସ ମହାପାତ୍ର,ରାଣୀଗଡ ପଂଚାୟତ ସରପଞ୍ଚ ଶ୍ରୀ ଲକ୍ଷ୍ମନ ହାଲବକ୍ଷ, ସମିତି ସଭ୍ୟକ୍ଷ ତୁଳାସା ମୁଦୁଲି, ନୀଳ ହରିଜନ, ବ୍ଲକ ପ୍ରତିନିଧି ବସନ୍ତ ନାୟକ, ବୁଲୁ ଚୌଧୁରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମହାଭାରତ ନ୍ୟୁଜର ମହାପ୍ରଭାବ

# ଜଗଂଲ ନ କାଟିବାକୁ ଦୁଇ ଗ୍ରାମବାସୀଙ୍କ ମଧରେ ସମାଧାନ କଲା ବନବିଭାଗ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ପାଇଁ ବନବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ବନୀକରଣ କରାଯାଉଛି ।କିନ୍ତୁ କିଛି ଲୋକ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲ ମୂଲ୍ୟବାନ ଗଛକୁ ହାଣି ପଦା କରୁଥିବା ଅଭିଯୋଗ ହୋଇଥିଲା ବାଲିଗୁଡ଼ା ବନବିଭାଗ ଅଧିକାରୀଙ୍କ ନିକଟରେ ।ଖବର ପ୍ରକାରେ ବାଲିଗୁଡା ବ୍ଲକ ଅନ୍ତର୍ଗତ ବାରଖମା ନିକଟରେ ବନବିଭାଗର ସଂରକ୍ଷିତ ଜଙ୍ଗଲ ରହିଛି ।ଏହାର ରକ୍ଷଣବେକ୍ଷଣ ସ୍ଥାନୀୟ ବାରଖମା ଗ୍ରାମବାସୀ କରୁଥିଲେ। କିନ୍ତୁ ରେବିଙ୍ଗିଆ ପଞ୍ଚାୟତର ବୁଡାଗୁଡା ଗ୍ରାମବାସୀ ଭାଲୁଡଗଂର ଜଙ୍ଗଲରେ ସଂରକ୍ଷିତ ଥିବା ଶାଳ,ପିଆଶାଳ,ଶାଗୁଆନ,ଶିଶୁଭଳି ମୂଲ୍ୟବାନ ଗଛକୁ କାଟି ଜଙ୍ଗଲକୁ କ୍ଷତି କରୁଥିବା ଅଭିଯୋଗ କରିଥିଲେ ବାରଖମା ଗ୍ରାମବାସୀ ।ଜଗଂଲ କଟାକୁ ନେଇ ବାରଖମା ଓ ବୁଡାଗୁଡା ମଧ୍ୟରେ ଦେଖାଯାଇଛି ଥିଲା ଉତେଜନା।ଗତକାଲି ୨୦୦ ରୁ ଉର୍ଦ୍ଧ ବାରଖମା ଗ୍ରାମବାସୀ ବାଲିଗୁଡା ଏସିଏଫଓ ଙ୍କୁ ଦେଖାକରି ଲିଖିତ ଅଭିଯୋଗ ପତ୍ର ଦେଇଥିଲା।ଏସିଏଫଓ ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପତ୍ର ରଖି ରେଞ୍ଜରଙ୍କୁ ଘଟଣା ବିଷୟରେ ତଦନ୍ତ କରିବାକୁ ପଠାଇଥିଲେ । ବାଲିଗୁଡା ରେଜଂର ଘଟଣା ସ୍ଥଳରେ ପହଞ୍ଚି ରେବିଗିଂଆ ପଚଂାୟତର ବୁଡାଗୁଡା ଓ ବାରଖମା ଗ୍ରାମର ବୁଦ୍ଧିଜୀବୀ, ମୁରବି,ଗ୍ରାମବାସୀମାନଙ୍କୁ ଡାକି ଏକ ସମାଧାନ ବୈଠକ କରିଥିଲେ।ଜଗଂଲକୁ କିଭଳି ସୁରକ୍ଷିତ ରଖିବା, ଜଗଂଲ ରହିଲେ ଜୀବଜଗତ କିପରି ଉପକୃତ ହେବେ, ତେଣୁ ଆମ ଜଗଂଲକୁ ସୁରକ୍ଷା ରଖିବା ଆମର ଦାଇ ବୋଲି ରେଜଂର ମହାଶୟ ଲୋକମାନଙ୍କୁ ବୁଝାଇଥିଲେ। ଶେଷରେ ଉଭୟ ଗ୍ରାମର ଗ୍ରାମବାସୀମାନେ ଆଉ ଜଗଂଲକୁ କାଟି ନଷ୍ଟ କରିବୁନାହିଁ, ଜଗଂଲକୁ ମା ଭଳି ଦେଖିବୁ ଓ ତାର ଯତ୍ନ ନେବୁ ବୋଲି ଶପଥ କରିଥିଲେ ।ଏଭଳି ଗ୍ରାମବାସୀଙ୍କ ଚିନ୍ତାଧାରାକୁ ଏସିଏଫଓ ମନୋରଞ୍ଜନ ବାଘ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି।

# ଗ୍ରୋସରି ଦୋକାନରୁ ଚୋରି ନେଇ ଥାନା ରେ ଏତଲା

ଅନୁଗୋଳ,(ମହାଭାରତ):କୁରୁଡୋଲ ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳ ରେ ଏବେ ବହୁଳ ମାତ୍ରାରେ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଗତ ଦୁଇ ମାସ ମଧରେ ଏହି ସବୁ ଅଞ୍ଚଳରେ ବଡ଼ ବଡ଼ ୩ ଟି ଚୋରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ଚୋର ମାନେ ମୁଖ୍ୟତଃ ସରକାରୀ କାର୍ଯ୍ୟାଳୟ ଓ ଦୋକାନ ଗୁଡ଼ିକୁ ଟାର୍ଗେଟ କରୁଛନ୍ତି । ଠିକ୍ ସେହିଭଳି ଗତ କାଲି ମଧ ନାଲକୋ ଥାନା ଅନ୍ତର୍ଗତ କୁରୁଡୋଲ ଗ୍ରାମ ର ବରଛକ ପାଖରେ ଥିବା ଏକ ଗ୍ରୋସରି ଦୋକାନ ଦେଇଥିବା ଜିତେନ୍ କୁମାର ସାହୁ ଙ୍କ ଦୋକାନ ରୁ ଚୋରି ହୋଇଛି ବୋଲି ନାଲକୋ ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ଜିତେନ୍ ସବୁ ଦିନ ପରି ବୁଧବାର ଦିନ ରାତି ପ୍ରାୟ ୧୧ ସମୟରେ ନିଜ ଦୋକାନ ବନ୍ଦକରି ଘରକୁ ଯାଇଥିଲେ । ତେବେ ରାତି ରେ କେହି ଦୁର୍ବୃତ ଦୋକାନର ଆଜବେଷ୍ଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ସହିତ ଦାମୀ ସାମଗ୍ରୀ ଗୁଡିକ ଚୋରି କରି ନେଇଯାଇଥିବା ସକାଳେ ଦୋକାନ ଖୋଲିବା ସମୟ ରେ ଦେଖିବାକୁ ପାଇଥିଲେ ଯତେବେ ଚୋରି ହୋଇଥିବା ଜିନିଷ ର ଆନୁମାନିକ ମୂଲ୍ୟ ପାଖାପାଖି ଦଶ ହଜାର ଟଙ୍କା ହେବ ବୋଲି ଏତଲା ରେ ଦର୍ଶା ଯାଇଛି ।ଜିତେନ୍ ଙ୍କ ଏତଲା ଆଧାର ରେ ପୋଲିସ ତଦନ୍ତ କରୁଛି। ତେବେ ଏଠାରେ ପ୍ରଶ୍ନ ଉଠେ କି ନାଲକୋ ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପୋଲିସ ର ନିଷ୍କ୍ରିୟତା କୁ ନେଇ ଅଞ୍ଚଳ ରେ ଏବେ ଭୟ ର ବାତାବରଣ ସୃଷ୍ଟି ହୋଇଛି । କୁରୁଡୋଲ ର ଯେଉଁ ଅଞ୍ଚଳରୁ ଏହି ଚୋରି ଟି ହୋଇଥିଲା ଏହାର କିଛି ଦିନ ପୂର୍ବରୁ ସେଇ ସମାନ ସ୍ଥାନ ନିକଟ ରେ ଥିବା କୁରୁଡୋଲ ପଞ୍ଚାୟତ କାର୍ଯ୍ୟାଳୟ ଓ କୁରୁଡୋଲ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ରୁ ମଧ ସମାନ ଢଙ୍ଗରେ ଚୋରି ହୋଇଥିଲା । ଯେହେତୁ ସେଇ ସ୍ଥାନ ଗୁଡିକରେ ଟି. ଏଫ୍ . ଏଲ୍ ର କାର୍ଯ୍ୟ କରିବା ପାଇଁ ବହୁ ସଂଖ୍ୟା ରେ ବାହାର ଲୋକ ମାନେ ରହୁଛନ୍ତି ତେଣୁ ଚୋରି ବୃଦ୍ଧି ପାଇଛି ।ସବୁ ଘଟଣା ଗୁଡ଼ିକ ନାଲକୋ ଥାନା ରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ପୋଲିସ ଏ ପର୍ଯ୍ୟନ୍ତ ନା ଚୋର କୁ ଧରିବାରେ ସକ୍ଷମ ହୋଇଛି ନା ଅଞ୍ଚଳରେ ଚୋରୀ ରୋକିବାରେ ମଧ ସେ ଭଳି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରିଛି ।

# ସ୍ଥାନୀୟ ନିଯୁକ୍ତି ଓ ପରିବେଶକୁ ସୁରକ୍ଷା ପାଇଁ ରାସ୍ତା ଅବରୋଧ

ଅନୁଗୋଳ,(ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ କୁରୁଡୋଲ ଓ କୁକୁଡ଼ାଙ୍ଗ ଗ୍ରାମ ଦେଇ ଯାଇଥିବା ଜିଲ୍ଲା ରାଜପଥ ର କୁରୁଡୋଲ ହନୁମାନବାଟିକା ଠାରେ ସ୍ଥାନୀୟ ଅଧିବାସୀ ଓ ବେକାର ଯୁବକ ଯୁବତୀ ମାନେ ରାସ୍ତାକୁ ଅବରୋଧ କରିଥିଲେ । ସେମାନଙ୍କୁ ସ୍ଥାନୀୟ ଦୁଇଟି ପଞ୍ଚାୟତ ର ସରପଞ୍ଚଙ୍କ ସହିତ ଅନେକ ବୁଦ୍ଧିଜିବୀ ପୂର୍ଣ୍ଣ ସମର୍ଥନ କରିଥିଲେ । ରାସ୍ତା ଅବରୋଧ ର ମୂଖ୍ୟ କାରଣ ଗୁଡିକ ହେଲା ବହୁ ଦିନ ଧରି ବନ୍ଦ ହୋଇ ପଡ଼ି ରହିଥିବା ତାଳଚେର ସ୍ଥିତ ଏଫ୍.ସି.ଆଇ ସାର କାରଖାନା ଟି କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାର ଅନୁମୋଦନ ପରେ କାର୍ଯ୍ୟ ଖୁବ୍ ଜୋରରେ ଆଗେଇ ଚାଲିଛି କିନ୍ତୁ ଏଫ୍.ସି.ଆଇ ବା ଟି.ଏଫ୍.ଏଲ ସାର କାରଖାନା ଟି କୁକୁଡାଙ୍ଗ ଗ୍ରାମ ର ତିରିଶ ପ୍ରତିଶତ ଜମି ରେ ନିର୍ମାଣ ହୋଇଥିଲେ ମଧ ଏବେ ଯେଉଁ କାର୍ଯ୍ୟ ଗୁଡ଼ିକ ଚାଲୁ ରହିଛି ସେଥିରେ ସ୍ଥାନୀୟ ଯୁବକ ମାନଙ୍କୁ ନିଯୁକ୍ତି ନ ଦିଆଯାଇ ବାହାର ଲୋକଙ୍କୁ ଅଗ୍ରାଧିକାର ଦେଇ ନିଯୁକ୍ତି ଦେଇ କାର୍ଯ୍ୟ ଚାଲିଛି । ଯାହା ଫଳରେ ବେକାରୀ ସମସ୍ୟା ବୃଦ୍ଧି ପାଇବା ସହ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେଉନାହିଁ। ସେହିଭଳି ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଗାଡି ଗୁଡ଼ିକ ଏହି ସବୁ ଗ୍ରାମ ଦେଇ ଯାଉଥିବା ବେଳେ ଅନେକ ଗୁଡ଼ିଏ ଦୁର୍ଘଟଣା କମ୍ପାନୀ ଗାଡ଼ି ଦ୍ୱାରା ହୋଇଥିଲେ ମଧ କର୍ତୃପକ୍ଷ ତରଫରୁ ସେଭଳି କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଯାହାଦ୍ୱାରା ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକ ମାନଙ୍କ ଠାରୁ ଆରମ୍ଭ କରି ସ୍କୁଲ ଛାତ୍ର ଛାତ୍ରୀ ମାନେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । କାରଖାନାର କାର୍ଯ୍ୟ କରିବା ପାଇଁ ଆସିଥିବା ପ୍ରାୟ ୪ ରୁ ୫ ହଜାର ଶ୍ରମିକ ମାନେ କୁରୁଡୋଲ ଓ କୁକୁଡ଼ାଙ୍ଗ ଅଞ୍ଚଳରେ ଅସ୍ଥାୟୀ ଭାବେ ଅନେକ ଗୁଡ଼ିଏ ଘର କରି ରହିବା ସହିତ ମଳ ତ୍ୟାଗ କରି ପରିବେଶକୁ ସମ୍ପୂର୍ଣ୍ଣ ଭାବରେ ଦୂଷିତ କରି ସାରିଲେଣି ସେହିଭଳି ବାହାର ରାଜ୍ୟ ର ଲୋକଙ୍କ ଦ୍ୱାରା ସ୍ଥାନୀୟ ଅଧିବାସୀ ମାନେ ଠକାମୀ ର ଶିକାର ହେଉଛନ୍ତି ।ଏହି ସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୁଇ ଟି ପଞ୍ଚାୟତ ର ଯୁବକ ଯୁବତୀ ମାନେ ଟି.ଏଫ୍.ଏଲ କାରଖାନା କୁ ଯାଉଥିବା ବସ୍ ଓ ଅନ୍ୟ ଗାଡ଼ି ଗୁଡ଼ିକୁ ଅଟକାଇବା ସହ ନିଜର ଦାବି ଗୁଡ଼ିକ ଉପସ୍ଥାପନ କରିଥିଲେ । ତେବେ ଘଟଣା ସମ୍ପର୍କରେ ଟି.ଏଫ୍.ଏଲ କାରଖାନା ର ଅଧିକାରୀ ମାନେ ପ୍ରତିକ୍ରିୟା ଦେଇ ନାହାନ୍ତି । ଏହି ରାସ୍ତା ରୋକ ରେ କୁରୁଡୋଲ୍ ସରପଞ୍ଚ ଦିବାକର ମହାଳିକ, କୁକୁଡ଼ାଙ୍ଗ ସରପଞ୍ଚ ପାରିଜାତ ସେଠୀ ଓ ବିଜେପି ନେତା ଅମୀୟ ତ୍ରିପାଠୀ ସାମିଲ ହୋଇଥିଲେ।

## ସୂରଜମଲ୍ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର:-(ମହାଭାରତ): ସୂରଜମଲ କଲେଜପରିସରରେ ଅଧକ୍ଷ ଡ.ମନୋଜ କୁମାର ପଣ୍ଡାଙ୍କ ମାର୍ଗଦର୍ଶନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଏନ୍.ଏସ୍ ଏସ୍ . ଶାଖା, ସ୍ୱାଧୀନ ଏକତା ସଂଗଠନ, ରେଙ୍ଗାଲି,ସତ୍ୟସାଇଁ ସେବା ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରଜାତିର ବୃକ୍ଷ ସଭ୍ୟ/ ସଭ୍ୟା ଓ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମିଳିତ ସହଯୋଗରେ ବୃକ୍ଷରୋପଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ଅତିଥି ଭାବରେ ରେଙ୍ଗାଲି ଖଣ୍ଡ ବନପାଳ ଶ୍ରୀଯୁକ୍ତ ସୁନୀଲ ମହାପାତ୍ର, ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜିବ କୁମାର ମିଶ୍ର,ଉପଦେଷ୍ଟା ସରୋଜ ବିଶୋଇ,ସତ୍ୟସାଇ ସେବା ସଂସ୍ଥା ରେଙ୍ଗାଲି ଖଣ୍ଡ ସଂଯୋଜକ ରାଧାକାନ୍ତ ମାହାଣା ବୃକ୍ଷରୋପଣ କରିବା ସହିତ କାର୍ଯ୍ୟକ୍ରମରେ ସଂଶ୍ଲିଷ୍ଟ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ପାରାଦୀପ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆଧାତ୍ମିକ କବିତା ପାଠ ଉତ୍ସବ

ପାରାଦୀପ(ମହାଭାରତ) ପାରାଦୀପରେ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ପାରାଦୀପ ବନ୍ଦର ସାଂସ୍କୃତିକ କକ୍ଷ ଜଗତ୍ତାଥ ଲଳିତ କଳା ସଂସଦ ସୌଜନ୍ୟରୁ ତଥା ଅମ୍ବିକାଇ ଗଣ ପରିଷଦ ସହଯୋଗରେ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏକ ଭକ୍ତି ଓ ଆଧାତ୍ମିକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅମ୍ବିକାଇ ଗଣ ପରିଷଦ ସଭାପତି ଧ୍ରୁବ ଚରଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କବିତା ପାଠ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ହାରା ମଣି ମହାପାତ୍ର ଓ ସମ୍ମାନିତ ଅତିଥି ଭାବରେ ଡାକ୍ତର ଅରବିନ୍ଦ ନାୟକ, ବାବୁରାମ ଚୌଧୁରୀ ଯୋଗ ଦେଇଥିଲେ। କବି ସର୍ବଶ୍ରୀ ବାବାଜୀ ଚରଣ ନାୟକ, କୁଳମଣି ବିଶ୍ୱାଳ, ଅରୁପ କୁମାର ବିଶ୍ୱାଳ, ରଘୁନାଥ ଆଚାର୍ଯ୍ୟ, ପ୍ରଭାତ କୁମାର ବାରିକ, ଗୀତା ଦାସ, ବିଷ୍ଣୁ ପ୍ରିୟା ମହାନ୍ତି, ସସ୍ମିତା ମହାନ୍ତି, ନୃସିଂହ ଚରଣ ବାରିକ, ସଂଜୀବ କୁମାର ଦାସ, ନବୀନ କୁମାର ପ୍ରଧାନ,ଉର୍ମିଳା ମହାନ୍ତି,ନିହାରୀ ବାଳା ବାରିକ , ଶିଶୁ କବି ଲଗ୍ନଜିତ ରାଉତ, ନଗେନ୍ଦ୍ର ନାଥ ସ୍ୱାଇଁ, ସୂର୍ଯ୍ୟକାନ୍ତ ଦାସ,ନଳିନୀ ପ୍ରଭା ସାହୁ ଙ୍କ ସମେତ ନିମନ୍ତ୍ରିତ ଅତିଥି ମାନେ ସ୍ୱରଚିତ ଭକ୍ତି କବିତା ପାଠ କରିଥିଲେୟ କବିତା ସଂଯୋଜନା କରିଥିଲେ କବୟିତ୍ରୀ ପ୍ରେମ ଲତା ବାରିକ ଓ ପ୍ରଶାନ୍ତ କୁମାର ରାଉତୟ ଧନ୍ୟବାଦ ଅର୍ପଣ କରିଥିଲେ।

# ତଦନ୍ତ ମୁହାଁ ମନରେଗା, ଆତଙ୍କିତ ଢୋଲଭିତର ମୂଷା !

## ଲୁଣ୍ଠନର ମାଷ୍ଟର ମାଇଣ୍ଡ ସାଜିଛନ୍ତି ଭେଣ୍ଡର ଠିକାଦାର !!




ଜୁନାଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ କିଛିଦିନ ତଳେ ମନରେଗା କାର୍ଯ୍ୟର ଅନିୟମିତାକୁ ନେଇ ତଦନ୍ତ ଆରମ୍ଭ ଚାଲିଥିବା ବେଳେ, ଏନେଇ ଜୁନାଗଡ଼ ବ୍ଲକ୍ର ମନରେଗା କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଆଲୋଚନା ହେବା ସହ ଏହାର ତଦନ୍ତ କରାଗଲେ ବିଭିନ୍ନ ଅନିୟମିତତା ପଦାକୁ ଆସିବା ସମ୍ଭାବନା ରହିଛି ।ଏହି ବ୍ଲକର ବିଶେଷ କରି ତଳଜାରିଂ, ନାନ୍ଦୋଲ, ଚିଚେଇଗୁଡ଼ା, ତଳମଲା, ପିଲକିଆ, କଲିଆକୁଣ୍ଡଲ, ମାଲିଗୁଡ଼ା, ସନ୍ୟାସୀ କୁଣ୍ଡାମାଲ ପ୍ରମୁଖ ପଞ୍ଚାୟତ ମାନଙ୍କରେ ବ୍ୟାପକ ଅନିୟମିତତା ହୋଇଥିବା ଆଶଙ୍କା ରହିଛି। ଏହି ଯୋଜନାରେ ହେଉଥିବା କାମରେ ସରପଞ୍ଚ, ପିଇଓ ଓ ଜି.ଆର୍.ଏସ୍ ଠିକାଦାର ସାଜି ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏହି ଯୋଜନା ସମୁଦାୟ ଶ୍ରମିକ ଭିତ୍ତିକ କାର୍ଯ୍ୟ କରୁଥିଲା । ତେବେ ଯେଉଁଦିନଠାରୁ ୪୦ ପ୍ରତିଶତ ସାମଗ୍ରୀ ଯୋଗାଣରେ ବିଲ ହେଲା ସେହିଦିନଠାରୁ ଏହି ଦୁର୍ନୀତି ବଢ଼ିବାରେ ଲାଗିଛି ସାମଗ୍ରୀ ଉପାଦାନ ଏଠି ସାମିଲ କଲେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହେବ ବୋଲି ସରକାର ଭାବିଥିଲେ। ସେଥିପାଇଁ ନିୟମରେ ପରିବର୍ତ୍ତନ କରି ୨୬୬ ପ୍ରକାର ସାମିଲ କଲେୟ ହେଲେ ଅଧିକାଂଶ କାର୍ଯ୍ୟରେ ଦୁର୍ନୀତି ହେଉଛି ଅଧିକାଂଶ କାର୍ଯ୍ୟର ନଥିପତ୍ର ଠିକ ନାହିଁ। କେଉଁଠି ବିନା ଅନୁମୋଦନରେ ଟଙ୍କା ଉଠିଛି ତ ଆଉ କେଉଁଠି ବ୍ଲକ୍ କର୍ତ୍ତୃପକ୍ଷଙ୍କ ପାଖରେ ଖବର ନାହିଁ। ଯାହା ବର୍ତ୍ତମାନ ଏହି ଯୋଜନାରେ ଉଜାଗର ହୋଇଥିବା ଦୁର୍ନୀତିରୁ ଜଣା ପଡୁଛି । ସବୁଠୁ ବେଶୀ ଭେଣ୍ଡର ବିଲ୍ ପଇଠରେ ଦୁର୍ନୀତି ହୋଇଛି ପ୍ରକୃତରେ ଯେଉଁ ଭେଣ୍ଡର ରେଜିଷ୍ଟ୍ରିଭୁକ୍ତ ହୋଇଛି। ସେ ଜିଏସ୍ଟି ଦେଉଛି କି ନାହିଁ ତାହା ବି ସନ୍ଦେହ ସୃଷ୍ଟି ହୋଇଛି। ଏହି ଭେଣ୍ଡର ମାନଙ୍କ ନାଁରେ କୋଟି କୋଟି ଟଙ୍କା ପଇଠ ହୋଇଛି। ହେଲେ ସେମାନଙ୍କର ନା' ଅଛି ଦୋକାନ ନା' ଅଛି ନିଜର କାର୍ଯ୍ୟାଳୟ ସବୁଠୁ ଆଶ୍ଚର୍ଯ୍ୟ କଥା। ଯେଉଁ ଭେଣ୍ଡର ପାଣି ଟାଙ୍କି ଯୋଗାଣ କରୁଛି, ସେ ସିମେଣ୍ଟ, ବାଲି, ଜେସିବି, ଟ୍ରାକ୍ଟର, ମେଟାଲ, ଇଟା ଆଦି ସବୁ ଯୋଗାଣ କରୁଛି। ପ୍ରକୃତରେ ଏହି ଭେଣ୍ଡରମାନେ ଏତେ ସାମଗ୍ରୀ କେମିତି ଯୋଗାଣ କଲେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ସେହିପରି ବିନା ସାମଗ୍ରୀ ଯୋଗାଣରେ ବି ବିଲ ହୋଇ ଭେଣ୍ଡରମାନଙ୍କ ଆକାଉଣ୍ଟରେ ଟଙ୍କା ପଡ଼ିଛା ଯାହା ଭିଜିଲାନ୍ସ ତଦନ୍ତ ସାପେକ୍ଷ । ଏହାର ସମ୍ପୂର୍ଣ୍ଣ ତଦନ୍ତ ନ ହେବା ଯାଏଁ ଏହି ଦୁର୍ନୀତି ଗୋଲକ ଧନ୍ଦାର ମୁଖା ଖୋଲିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗତ ସରକାରରେ ଶାସକ ଦଳର କିଛି ପାଖଲୋକ ଥିବା ଠିକାଦାର ମନରେଗା ଯୋଜନାକୁ ନିଜ ହିସାବରେ ପରିଚାଳନା କରି ଯୋଜନା ଅର୍ଥକୁ ହରିଲୁଟ କରିଥିବା ଏକ ଚର୍ଚ୍ଚିତ ପ୍ରସଙ୍ଗଥିଲା । ଏହିକ୍ରମ ଜାରି ରହିବ ନା ପରିବର୍ତ୍ତନ ସରକାରରେ ପରିବର୍ତ୍ତନ ହେବ ତାହା ଦେଖିବାକୁ ଲୋକେ ଅନାଇବସିଛନ୍ତି। ଜୁନାଗଡ଼ ବ୍ଲକର ମନରେଗା ଯୋଜନାର ଦୁର୍ନୀତିକୁ ଭିଜିଲାନ୍ସ ତଦନ୍ତ କରାଗଲେ,ଅନେକ ସମୟର ବିଭିନ୍ନ ଅନିୟମିତତା ଉଜାଗର ହେବାର ସମ୍ଭାବନା ରହିଛି, ଏଣୁ ଉଚ୍ଚ ସ୍ତରୀୟ ତଦନ୍ତ ହେବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଭୁଜାଲି ଆକ୍ରମଣ ରେ ଯୁବକ ଗୁରୁତର , ଥାନା ରେ ମାମଲା

ଅନୁଗୋଳ,(ମହାଭାରତ):ଅନୁଗୋଳ ସହର ଓ ଏହାର ଆଖପାଖ ଅଞ୍ଚଳ ଦିନ ଦ୍ୱିପହରରେ ଯୁବକଙ୍କୁ ଭୁଜାଲି ସାହାଯ୍ୟ ରେ କରାଯାଉଛି ଆକ୍ରମଣ ।ସଂପୂର୍ଣ୍ଣ ଘଟଣାଟି ହେଲା କରଡ଼ାଗାଡ଼ିଆ ଗ୍ରାମର ବାବୁ ବେହେରା ଓ ତାଙ୍କ ସାଙ୍ଗ ସୁଶୀଲ ନାଏକ କୌଣସି କାରଣରୁ ବଡକେରା ଯାଇଥିବା ବେଳେ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟର ଅନୁଗୋଳ ସଦର ଥାନା ଅନ୍ତର୍ଗତ ରନ୍ତଲେଇ ରାଇସ ମିଲ୍ ନିକଟରେ ଥିବା ବାଉଁଶନଳ ପାଖରେ ତିନି ରୁ ଚାରି ଜଣ ଯୁବକ ଆସି ଅତର୍କିତ ଭାବରେ ବାବୁ ବେହେରା ଙ୍କୁ ଏକ ଭୁଜାଲି ସାହାଯ୍ୟ ରେ ଆକ୍ରମଣ କରି ସେଠାରୁ ଖସି ପଳାଇ ଯାଇଛନ୍ତି। ତେବେ ଘଟଣା ସ୍ଥଳରେ ବାବୁ ଗୁରୁତର ହୋଇ ଯିବାରୁ ତାଙ୍କ ସହିତ ଥିବା ତାଙ୍କ ସାଙ୍ଗ ସୁଶୀଲ ନାଏକ ତୁରନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ ।ସୂଚନା ଯେ, ଆଜି ଦିନ ୧୨ ଘଟିକା ବେଳେ କରଡ଼ାଗାଡ଼ିଆ ଗ୍ରାମର ନରେନ୍ଦ୍ର ବେହେରା ଙ୍କ ପୁଅ ବାବୁ ବେହେରା ଏବଂ ସୁଶୀଲ ସାଥିରେ ବାଇକ୍ ଯୋଗେ ଘର କୁ ଫେରୁଥିବା ବେଳେ ରନ୍ତଲେଇ ବାଉଁଶନଳ ଠାରେ ତିନି ଜଣ ବ୍ୟକ୍ତି ଏହି ଦୁଇ ଜଣ ଙ୍କୁ ଅଟକାଇ ଥିଲେ । ବାବୁ ଙ୍କୁ ଫୋନ ରେ କଣ କହୁଥିଲୁ ବୋଲି ପ୍ରଶ୍ନ କରିଥିଲେ ଯାହାକୁ ଖଣ୍ଡନ କରିଥିଲେ ବାବୁ ପରେ ସେମାନେ କିଛି ବୁଝିବା ଆଗରୁ ବାବୁ କୁ ଏକ ଭୁଜାଲି ସାହାଯ୍ୟରେ ମରଣାତ୍ମକ ଆକ୍ରମଣ କରି ପଳାଇ ଯାଇଥିଲେୟ ଆକ୍ରମଣ ରେ ବାବୁ ଗୁରୁତର ହୋଇ ଯାଇଥିଲେ। ଏହା ଦେଖି ସାଥିରେ ଥିବା ତାଙ୍କ ସାଙ୍ଗ ସୁଶୀଲ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ। ଘଟଣାକୁ ନେଇ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରିବାର ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଛି।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ବଂଶାନୁକ୍ରମିକ ପ୍ରଥା ଉଚ୍ଛେଦକୁ ନେଇ ଦାବି ପତ୍ର



**ହାଟଡିହି,(ମହାଭାରତ) :** ଶନିବାର ଦିନ କେନ୍ଦୁଝର ଜିଲ୍ଲା ଆଦିବାସୀ ସୀଙ୍ଗେଲ ସଂଘ ପକ୍ଷରୁ ଶାନ୍ତି ପୂର୍ଣ୍ଣ ଧାରଣା ସହ ବିଡ଼ିଓ ଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଗ୍ରାମରେ ଚଳି ଆସୁଥିବା ପୁରୁଣା ପ୍ରଧାନୀ ପ୍ରଥା ଅର୍ଥାତ ଗ୍ରାମ ର ମାଝୀ ବାବା ଙ୍କ ନିର୍ଦ୍ଦେଶ ରେ ଗ୍ରାମ ପରିଚାଳିତ ହୋଇ ଆସୁଥିଲା। ସେ ଯାହା କହୁଥିଲେ ସେହି ଅନୁଯାୟୀ ଗ୍ରାମ ବାସୀ ମାନଙ୍କୁ ଚାଲିବାକୁ ପଡୁଥିଲା। ଯଦି ସେଥିରେ କିଏ ନିର୍ଦ୍ଦେଶ ଅମାନ୍ୟ କରେ ତାହାଲେ ତାଙ୍କୁ ଗାଁ ର ପ୍ରଧାନ ଯେଉଁ ସଜ୍ଜା ଦେଉଥିଲେ ତାହାକୁ ସେ ମାନିବାକୁ ବାଧ ହେଉଥିଲେ। ଏବେ ସେହି ବଂଶାନୁ କ୍ରମିକ ପ୍ରଥା କୁ ତାଙ୍କର ପିଲା ମାନେ ମଧ ଗ୍ରାମବାସୀ ମାନଙ୍କ ଉପରେ ପ୍ରଚଳିତ କରି ଆସୁଥିଲେ। ଯାହାକୁ ନେଇ ସିଙ୍ଗେଲ ଆଦିବାସୀ ସଂଘ ପକ୍ଷରୁ ଏହି ପରି ପ୍ରଥା କୁ ବିରୋଧ କରି ବିଡ଼ିଓଙ୍କୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଗ୍ରାମ ର ମାଝୀ ବାବା ଗ୍ରାମ ବାସୀ ଙ୍କ ଦେହ ଖରାପ ହେଲେ ଗୁଣି ଗାରେଡ଼ି ସନ୍ଦେହ ରେ ଡାହାଣୀ ନାମରେ ମହିଳା ଙ୍କୁ ହତ୍ୟା କରୁଥିବା ବେଳେ ମନ ଇଛା ସାମାଜିକ ବାସନ୍ଦ, ନିଶା ସେବନ କୁ ବିରୋଧ,ମହିଳା ବିରୋଧୀ କାମ କରୁଥିବାରୁ ଏପରି ବ୍ୟବସ୍ଥା କୁ ଉଠାଇ ରାଷ୍ଟ୍ରପତି ଆଦିବାସୀ ମାନଙ୍କ ପାଇଁ ଏକ ନିୟମ କରିବାକୁ ଦାବି କରିଥିଲେ। ଏହି ଦାବି ପତ୍ର ଦେବା ସମୟ ରେ ଗୁନାରମ ମୁର୍ମୁ, ଅର୍ଜୁନତାଡ଼ା, ସିଦ୍ଧାନ୍ତ ବସ୍ତା, ଦୁଷ୍ମନ୍ତ ଟୁଡୁ ଧରମା ଟୁଡୁ, ସମ୍ବ୍ରା ସୋରେନ, ଶୁଖି ମୁଣ୍ଡି, ମାଳତୀ ହସଦା, ଜସ୍ମି ଟୁଡୁ, ସମେତ ଅନେକ ଆଦିବାସୀ ମହିଳା ଯୁବକ ସାମିଲ ହୋଇଥିଲେ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଶୁଭ ଉଦଘାଟନର ୬ମାସ ବିତିଲା
# ଚିହ୍ନଟ ଜାଗାରେ ଇଟା ଖଣ୍ଡେ ପଡ଼ିଲା ନାହିଁ

**ନାରାୟଣପାଟଣା,(ମହାଭାରତ) :** ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ଶୁଭ ଉଦ୍ଘାଟନ ର ୬ମାସ ବିତି ଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ଚିହ୍ନଟ ଜାଗାରେ ଇଟା ଖଣ୍ଡେ ମଧ ପଡ଼ି ନଥିବା ଅଭିଯୋଗ ସୋଇଛି। ଚଳିତ ବର୍ଷ ଠିକ୍ ଫେବୃୟାରି ୧୯ ତାରିଖରେ ତରବରିଆ ଭାବେ ନାରାୟଣପାଟଣା ବ୍ଲକ୍ ବାଲିପେଟା ଠାରେ ହେବାକୁ ଥିବା ୪୦ କୋଟି ଟଙ୍କା ବିନିମୟରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ଶୁଭ ଉଦ୍ଘାଟନ କରିଥିଲେ। ସେହି ସମୟରେ ଦାୟିତ୍ୱରେ ଥିବା କେନ୍ଦ୍ର ଜନଜାତି ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଇଂ ବିଶେଶ୍ୱର ଟୁଡୁ ଏବଂ ମାନ୍ୟବର ସାଂସଦ ଲୋକସଭା ଓ ପ୍ରତିରକ୍ଷା ସଂସଦୀୟ ଷ୍ଟାଣ୍ଡିଂ କମିଟି ର ସଭାପତି ଶ୍ରୀଯୁକ୍ତ ଜୁଏଲ ଓରାମ ।ଭାରତ ବର୍ଷ ରେ ପ୍ରଧାନମନ୍ତ୍ରୀଙ୍କ ତତ୍ୱାବଧାନରେ ଆଦିବାସୀ ବହୁଳ ଜିଲ୍ଲା ରେ ୭୦୦ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଥିବା



ବେଳେ ନାରାୟଣପାଟଣା ବ୍ଲକ୍ରେ ଯଥାଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଥିଲେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଟୁଡୁ। ଓଲଟା ଦୋଷ ଲଦି କହିଥିଲେ ରାଜ୍ୟ ସରକାର ଜମି ଦେବାର ଡେରୀ ହେବାରୁ ଛ ବର୍ଷ କାଳ ଅଟକିରହିଥିଲା କାମ। ଡେରୀ ହେଲେ ସୁଧା ନାରାୟଣପାଟଣା ବ୍ଲକ ରେ କାମ ଆରମ୍ଭ ହେବ । ତିନି ବର୍ଷ ମଧରେ କାମ ସାରିବା ର ଲକ୍ଷ ରଖାଯାଇଛି ।କେନ୍ଦ୍ର ସରକାରଙ୍କ ତରଫରୁ ସବୁ ବେଳେ ଆଦିବାସୀ ଅଧୁଷିତ ଅଞ୍ଚଳର ବିକାଶ କୁ ଗୁରୁତ୍ୱ ଦେଇ ଆସୁଛନ୍ତି। କେବେ ଅବହେଳା କରିନାହାନ୍ତି । ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଆଦିବାସୀ ,ହରିଜନ ଜାତି ଜନଜାତି ର ପିଲା ଭଲ ପାଠ ପଢ଼ି ନିଜକୁ ଗଢ଼ି ତୋଳିବେ । ଶିକ୍ଷାର ବିକାଶ ପାଇଁ ସର୍ବଦା କେନ୍ଦ୍ର ସରକାର ଗୁରୁତ୍ୱ ଦେଇଆସୁଥିବା ସାଂସଦ ଜୁଏଲ ଓରାମ କହିଥିଲେ । ମୁଁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ମୋଦୀ ସରକାର ଙ୍କ ସମୟରେ ଥିବା ସମୟରେ ଏହାର ପରିକଳ୍ପନା କରିଥିଲି । କୋରାପୁଟ ରେ ପ୍ରାୟତଃ ନାରାୟଣପାଟଣା, ବନ୍ଧୁଗାଁ ଦଶମନ୍ତପୁର ବ୍ଲକ ରେ ଏବେ କେନ୍ଦ୍ର ସରକାର ଙ୍କ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଯାଉଛି । ହଜାର ହଜାର ଛାତ୍ରଛାତ୍ରୀ ପାଠ ପଢ଼ି ଭବିଷ୍ୟତ ଗଢିବେ। ସବୁବେଳେ କେନ୍ଦ୍ର ର ଅବହେଳା ଦେଉଥିବା ସରକାର ଆଦିବାସୀ ଅଂଚଳ ରେ ସ୍କୁଲ ଖୋଲିବାକୁ ପଛଘୁଞ୍ଚା ଦେଉଛନ୍ତି। ଛ ବର୍ଷ ତଳେ ମଂଜୁର ହୋଇଥିବା ସ୍କୁଲ କୁ ଜାଗା ଦେବାରେ ବିଳମ୍ବ କରାଯାଇଥିଲା ।ଟେଣ୍ଡର ପ୍ରକ୍ରିୟା ସରିବା ପରେ ତିନି ବର୍ଷ ରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ତିଆରି ସରିବ। ଏଠି ପ୍ରଥମରୁ ଯୁକ୍ତ ତିନି ଡ଼ିଗ୍ରୀ ଖୋଲିବାର ବ୍ୟବସ୍ଥା କରାଯାଉଥିବା କହିଥିଲେ କେନ୍ଦ୍ର ମନ୍ତ୍ରୀ । କିନ୍ତୁ ଅନ୍ୟକୁ ଦୋଷ ଲଦୁ ଥିବା ସରକାର ଭିତ୍ତିପ୍ରସ୍ତର କରି କାହିଁକି ଚୁପ୍ ବସିଛି ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନାର ପାତ୍ର ପାଲଟିଛି। ତେଣୁ ଦେଖିବାକୁ ବାକି ରହିଲା କେବେ ଆରମ୍ଭ ପ୍ରକ୍ରିୟା ହେବ ଆଉ ଆଦିବାସୀ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଆଦିବାସୀ ,ହରିଜନ ଜାତି ଜନଜାତି ର ପିଲା ଭଲ ପାଠ ପଢ଼ି ନିଜକୁ ଗଢ଼ି ତୋଳିବେ ତାହା ଦେଖିବାକୁ ବାକି ରହିଲା।

# ପିପଲପଙ୍କା ଠାରେ ଡ୍ୟାମ ନିର୍ମାଣ ପ୍ରତ୍ୟାହାର କରିବା ଦାବି

**ଛତ୍ରପୁର,(ମହାଭାରତ) :** ପିପଲପଙ୍କା ଠାରେ ଡ୍ୟାମ ନିର୍ମାଣ ପ୍ରତ୍ୟାହାର କରିବା ସଂଗେ ସଗେ ବେଆଇନ୍ ବାଲି ଉଠାଣ ବନ୍ଦ କରିବା ଦାବୀ ନେଇ ଶନିବାର ଋଷିକୂଲ୍ୟା ନଦୀ ବଞ୍ଚାଅ ଅଭିଯାନ ପକ୍ଷରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ଗଂଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କୁ ପ୍ରଦାନ କରିଛନ୍ତି । ଋଷିକୂଲ୍ୟା ନଦୀ ତାହାର ଉପନଦୀ ଜରଉ ବଡ ନଦୀ, ହ୍ରଦନଦୀ, ବାଘୁଆ, ଧନେଇ ଘୋଡାହାଡ ନଦୀର ଚିରନ୍ତନ ଜଳଧାରାରେ ନିଜକୁ ଜୀବନ୍ତ କରି ଆସିଛି । ଉକ୍ତ ଉପନଦୀ ମାନଙ୍କ ଉପରେ ଡ୍ୟାମ ନିର୍ମାଣ ଯୋଗୁଁ ଋଷିକୂଲ୍ୟାର ଜଳ କମି ଥିଲେ ମଧ ଜଳ ପ୍ରବାହ କମ୍ ଜଣାପଡୁ ନଥିଲା । କିନ୍ତୁ ଗତ ସରକାର ଅଳ୍ପ ଜମି ଜଳସେଚନ ପାଇଁ ଟାଟା ଶିଳ୍ପକୁ ପାଣି ଯୋଗାଇଦେବା ଉଦ୍ଦେଶ୍ୟରେ ଋଷିକୂଲ୍ୟା ନଦୀର ମୂଳ ଓ ମୁଖ୍ୟ ଜଳ ସ୍ରୋତ ଅଡଙ୍ଗୀ ନଦୀର ପିପଲପଙ୍କା ଠାରେ ଏକ ଡ୍ୟାମ କରିବାର ପ୍ରସ୍ତାବ ରଖିଛନ୍ତି । ଯାହାଦ୍ୱାରା ଡ୍ୟାମର ନିମ୍ନ ଭାଗରେ ଥିବା ଗଂଜାମ, ଛତ୍ରପୁର ଓ ପୁରୁଷୋତ୍ତମପୁର ଆଦି ବ୍ଲକ ସହ ପୂରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଶତାଧିକ ଗ୍ରାମର ଜନସାଧାରଣଙ୍କ ନିମନ୍ତେ ନିର୍ମିତ ମେଗା ଜଳ ଯୋଗାଣ ପ୍ରକଳ୍ପ ଅଦରକାରୀ ହୋଇ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବେ । ଗତ ଖରାଦିନେ ଘୋର ଜଳ ସଂକଟ ସମୟରେ ଉକ୍ତ ପ୍ରକଳ୍ପ ଦ୍ୱାରା ଯୋଗାଉଥିବା ଜଳ ହିଁ ହଜାର ହଜାର ଲୋକଙ୍କ ମୁଖ୍ୟ ପାନୀୟ ଜଳର ସହାୟକ ଥିଲା। ଡ୍ୟାମ ନିର୍ମାଣ ପରେ ବର୍ଷାଦିନ ବ୍ୟତିତ ନଦୀର ଉଭୟ ପାଶ୍ୱର୍ରେ ଥିବା କୂଅ, ପୋଖରୀ ଗୁଡିକ ଶୁଖିଯିବ । ଶହ ଶହ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇଯିବ। ପ୍ରକାଶ ଥାଉକି ଅତ୍ୟଧିକ ବାଲି ଚାଲାଣ ଯୋଗୁଁ ନଦୀର ଗର୍ଭ ଖାଲ ହୋଇ ସମୁଦ୍ରର ଲୁଣି ପାଣି ଯାଉଛି । ଏହି ପ୍ରକଳ୍ପ ହେଲେ ଆଗାମୀ ଦିନରେ ଲୋକମାନେ ପାଣି ପାଇଁ ହାହାକାର ହେବ । ଏଣୁ ଋଷିକୂଲ୍ୟା ନଦୀର ସୁରକ୍ଷା ନିମନ୍ତେ ପିପଲପଙ୍କା ଠାରେ ପ୍ରସ୍ତାବିତ ଡ୍ୟାମ ନିର୍ମାଣକୁ ପ୍ରତ୍ୟାହାର କରିବା ସଂଗେ ସଂଗେ ଲୋକଙ୍କ ପିଇବା ପାଣିର ସୁବିଧା ନିମନ୍ତେ ମେଗାଜଳ ପ୍ରକଳ୍ପର ନିମ୍ନଭାଗ କରପଡା ନିକଟରେ ଏକ ବ୍ୟାରେଜ୍ ନିର୍ମାଣ କଲେ ସମୁଦ୍ର ପାଣି ମେଗା ପ୍ରକଳ୍ପ ପାଖକୁ ଆସି ପାରିବ ନାହିଁ ବୋଲି ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବୀ ପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ନଦୀ ବଞ୍ଚାଅ ଅଭିଯାନର ସଭାପତି ତଥା ଆଇନଜିବୀ ଦୁର୍ଯ୍ୟୋଧନ ରେଡ୍ଡୀ, ସମ୍ପାଦକ ତଥା ଯୁବନେତା ରଂଜନ କୁମାର ବେହେରା, ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ସଂଜୀବ ରେଡ୍ଡୀ, ଏ.ରାଜାରାଓ ରେଡ୍ଡୀ, ଏନ.ଭୀମସେନ ରେଡ୍ଡୀ, ଶୁକ୍ଳୁ ବେହେରା, ମିଥୁନ ବେହେରା, ଟୁକୁନା ବେହେରା , କ୍ରିଷ୍ଣା ରେଡ୍ଡୀ, ମାଗତା ବେହେରା, ଜି.ବୈଷ୍ଣବ ରେଡ୍ଡୀ ଓ ଗଙ୍ଗାଧର ରେଡ୍ଡୀଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ ।

# ବଡ଼ଚଣା ଥାନାର ନୂତନ ମୁଖ୍ୟ ଅଧିକାରୀ ହେଲେ ଶ୍ରୀକାନ୍ତ ବାରିକ୍



**ବଡ଼ଚଣା,(ମହାଭାରତ) :** ସରକାର ପରିବର୍ତ୍ତନ ପରେ ଯାଜପୁର ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ମାନଙ୍କ ଜିଲ୍ଲା ଭିତରେ ଅଦଳବଦଳ ହୋଇଛି। ସେହି ପରି ବଡଚଣା ଥାନାରେ ନୂତନ ଥାନାଧିକାରୀ ଭାବରେ ଶ୍ରୀକାନ୍ତ ବାରିକ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଆଇଆଇସି ଦାୟିତ୍ୱରେ ଥିବା ଶରତ ପାତ୍ର ତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରି ଥିବା ଜଣା ପଡିଛି। ଶ୍ରୀଯୁକ୍ତ ଶ୍ରୀକାନ୍ତ ବାରିକ୍ ଏହା ପୂର୍ବରୁ କୁଆଖିଆ ଥାନାରେ ଥାନାଧିକାରୀ ଭାବରେ ଅବସ୍ଥାପିତ ଥିଲେ । ସେ ଜଣେ ସଚୋଟ୍ ସ୍ୱଷ୍ଟବାଦୀ ଓ ନିର୍ଭିକ ପୋଲିସ ଅଫିସର ଭାବରେ ବହୁତ ସୁନାମ ଅର୍ଜ୍ଜନ କରିଛନ୍ତି। ତେଣୁ ବଡଚଣା ଥାନା ଅଞ୍ଚଳରେ ସେ ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଅଞ୍ଚଳବାସୀ ତାଙ୍କ ଠାରୁ ଆଶା କରିଛନ୍ତି। ଚୋରି ଡକାୟତ ରାହାଜାନି ଦୁଇ ନମ୍ବର କାରବାର ଓ ଗୁଣ୍ଡା ବଦମାସ ମାନଙ୍କୁ ସେ ସାବାଡ଼ ନିଶ୍ଚିନ୍ତ କରିବେ ବୋଲି ଆଶା କରାଯାଉଅଛି । ବିଶେଷ ଭାବରେ ଶ୍ରୀଯୁକ୍ତ ବାରିକ୍ ଜାତିୟ ରାଜପଥ ଉପରେ ବେଆଇନ୍ ପ୍ରାକିଂ କୁ ନେଇ ଉଦବେଗପ୍ରକାଶ କରିବା ସହିତ ପରିବହନ ବିଭାଗର ଅଧିକାରୀଙ୍କ ସହ ଆଲୋଚନ କରି ଖୁବଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ସେହିପରି ବଡ଼ଚଣା ଅଧୀନରେ ଥିବା ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଓଆଇସି ଜହର ଆବେଦିନ୍ ଧର୍ମଶାଳା ଥାନାକୁ ବଦଳି ହେବାପରେ ନୂତନ ଫାଣ୍ଡି ଅଧିକାରୀ ଭାବରେ ଓଆଇସି ଅସିତ୍ ବଳବନ୍ତରାୟ ଯୋଗ ଦେଇଛନ୍ତି ।ତେବେ ଅଧିକାରୀ ଦାଇତ୍ୱ ଗ୍ରହଣ ପରେ କିଭଳି କାମ କଲେ ଲୋକ ମାନଙ୍କର ପ୍ରଂଶସା ଭାଜନ ହୋଇ ପାରିବେ ତାହା ଦେଖିବାକୁ ବାକି ରହିଲା।

# ଠିକ୍‌ରେ ଚାଉଳ ମିଳୁ ନ ଥିବାରୁ ଅସନ୍ତୋଷ

**ହାଟଡିହି,(ମହାଭାରତ) :** ମିଳୁନି ପିଡ଼ିଏସ ଚାଉଳ, ହିତାଧିକାରୀ ହିନସ୍ତା। ୪ ରୁ ୫ ଥର ପଞ୍ଚାୟତକୁ ଦୌଡ଼ି ଲେ ମିଳୁଛି ରାସନ ସାମଗ୍ରୀ। ଏପରି ଅଭିଯୋଗ ଆଣି ପଞ୍ଚାୟତ ଘେରାଉ କରିଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କଳିଗାଁ ପଞ୍ଚାୟତ ବଣିଆରି ଓ ମୁଦୁଲିପଦା ଗ୍ରାମବାସୀ ମାନେ। ସେମାନଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତକୁ ଚାଉଳ ଆସିଲେ ଅନ୍ୟ ୱାର୍ଡ ଗୁଡ଼ିକୁ ପ୍ରଥମେ ବଣ୍ଟନ କରି ଶେଷକୁ ଏକ ନମ୍ବର ୱାର୍ଡର ଏହି ଦୁଇଟି ଗାଁକୁ ଚାଉଳ ମିଳିଥାଏ । ବାରମ୍ବାର ପଂଚାୟତ କୁ ଦୌଡ଼ି ଲେ ଚାଉଳ ମିଳିଥାଏ । ଯାହାକୁ ନେଇ ହିତାଧିକାରୀ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



# ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୃକ୍ଷ ରୋପଣ

**ଉଦଳା,(ମହାଭାରତ) :** ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ଜଗନ୍ନାଥୀ ୱାର୍ଡ ନଂ-୧୧ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ କମଳାକାନ୍ତ ନାୟକ, ଚିନ୍ମୟ ମିଶନର ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ଆଦି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସମସ୍ତ ଅତିଥିଙ୍କୁ ଫୁଲ ତୋଡ଼ା ପ୍ରଦାନ ସହ ଚନ୍ଦନ ଲଗାଇ ସ୍ୱାଗତ କରିବା ପରେ ବିଭିନ୍ନ ଫଳ ଜାତୀୟ ଓ ଶାଳ ତଥା ଅଂଳା ଆଦି ପ୍ରାୟ ୭୦ ଗୋଟି ବୃକ୍ଷ ରୋପଣ




କରାଯାଇଥିଲା । ଶ୍ରୀ ବିଦ୍ୟାଙ୍କ ପିତା ତଥା ଟ୍ରଷ୍ଟର ଚେୟାରମେନ୍ ଦୁଳମଣି ପୁହାଣ, ମାତା ସୁଭଦ୍ରା ରାଉତ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ଟ୍ରଷ୍ଟର ସଦସ୍ୟ ଉମେଶ ରାଉତ ଏବଂ କଇଁସାରୀ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଓ ଯୁବକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଏଥିରେ ତାଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅସୀମା କର, ଶିକ୍ଷକ ନବୀନ ହେମ୍ବ୍ରମ ତଥା ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ ।

# କୃଷକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

**ବିଷମ କଟକ,(ମହାଭାରତ) :** ରାୟଗଡା ଜିଲ୍ଲା ଠାରେ କେନ୍ଦ୍ର ସରକାର ଙ୍କ ଏନ.ଏମ.ଇ.ଓ ତରଫରୁ ମୁନିଗୁଡା ଓ ବିଷମ କଟକ ବ୍ଲକ ର ବିଭିନ୍ନ ସ୍ଥାନରେ ପୁର୍ବରୁ ଚାର ରୋପଣ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ବିଷମକଟକ ଅନ୍ତର୍ଗତ ଚାଟିକଣା ଗ୍ରାମ ପଞ୍ଚାୟତର ରାଣିବନ୍ଧ ଗ୍ରାମ ଠାରେ ପ୍ରାୟ ୧୦ ଏକର ରୁ ଉର୍ଦ୍ଧ ଜମିରେ ପାମ ଅୟଲ୍ ଚାର ରୋପଣ କରାଯାଇଛି । କୃଷକଙ୍କୁ ସ୍ୱଭାଲମ୍ବି କରାଇବା,ସହଯୋଗ ଓ ଆତ୍ମନିର୍ଭର କରାଇବା ଦିଗରେ ଲକ୍ଷ୍ମୀ ବାଲାଜୀ ପ୍ରାଇଭେଟ ଲିମିଟେଡ଼ ଓ ବିଷମ କଟକ ଉଦ୍ୟାନ ବିଭାଗ ତରଫରୁ ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମରେ ବିଷମ କଟକ ନବ ନିର୍ବାଚିତ ବିଧାୟକ ନୀଳ ମାଧବ ହିକକା ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ଏଥିରେ ପର୍ଯାୟରେ ଆଜି ବି.କ୍ରିଷ୍ଣା ରାଓଙ୍କ ଚାଟିକଣା ରାଣିବନ୍ଧ ଠାରେ ଥିବା ପ୍ରାୟ ୧୦ ଏକର ଜମିରେ ପାମ ଅୟଲ ଗଛର ଚାରରୋପଣ କରାଯାଇଥିଲା।




ଏହି କାର୍ଯ୍ୟକ୍ରମରେ ହଟିକଲଚର ଏ.ହେଚ.ଓ ପ୍ରଜ୍ଞାନୀ ବିଶ୍ୱାଳ,ଲକ୍ଷ୍ମୀ ବାଲାଜୀ ପ୍ରାଇଭେଟ ଲିମିଟେଡ଼ ର କର୍ମକର୍ତ୍ତା ବ୍ଲକ୍ ସୁପର ଭାଇଜର ଦୁଷ୍ମନ୍ତ ଶିକକା,ଜିଲ୍ଲା ସୁପରଭାଇଜର ଭି.ବି ସାମଲ,କୃଷି ବିଭାଗର ରଘୁନାଥ ଚାଲ୍ଲାଣ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଚାଷୀ ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ସ୍ଥାନୀୟ କୃଷକଙ୍କୁ ସ୍ୱଭାଲମ୍ବି କରାଇବା ପାଇଁ ସରକାର ତରଫରୁ ବିଭିର୍ନ ପ୍ରକାର ସହାୟତା ପ୍ରଦାନ କରାଯାଉଛି ଓ ତାହାର ଉଚିତ ଲାଭ ଉଠାଇବା ପାଇଁ ବିଧାୟକ ଶ୍ରୀ ହିକକା ଚାଷୀ ମାନଙ୍କୁ ସୂଚନା ଦେଇଥିଲେ ।

# କ୍ରିକେଟ ଏକାଡେମୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ

**ପାରାଦୀପ,(ମହାଭାରତ) :** ଓଡିଶା କ୍ରିକେଟ୍ ଏକାଡେମୀ (ଓସିଏ)ର ବୈଷୟିକ ନିର୍ଦ୍ଦେଶକ ଭିଭେଙ୍କଟରାମ ଓସିଏର ଦୁଇଜଣ ଅଭିଜ୍ଞ କ୍ରିକେଟ ପ୍ରଶିକ୍ଷକଙ୍କ ସହିତ ପାରାଦୀପ ଜିଲ୍ଲା କ୍ରିକେଟ୍ ଏକାଡେମୀର ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚ ମାନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିର ଚଳିତ ଜୁଲାଇ ମାସ ୧୯ ରୁ ଆରମ୍ଭ ହୋଇ ଜୁଲାଇ ୨୧ ରେ ଉଦଯାପନ ହେବ । ଏହି ତିନିଦିନ ବ୍ୟାପି ପ୍ରଶିକ୍ଷଣ ଶିବିରକୁ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ବନ୍ଦର କ୍ରୀଡା ସଂସଦ ର ସଭାପତି ଡି.ଏନ.ସୋଣ୍ଢି ଏବଂ ବନ୍ଦର ଚିକିତ୍ସାଳୟ ର ବରିଷ୍ଠ ଉପମୁଖ୍ୟ ଚିକିତ୍ସାଧିକାରୀ ତଥା ଗୋପବନ୍ଧୁ କ୍ରୀଡା ସଂସଦ ର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ଉଦଘାଟନ କରିଥିଲେ । ଏହି ଶିବିରକୁ ଓସିଏ ସଦସ୍ୟ ରବି ଦାସ, କ୍ରିକେଟ ବୈଷୟିକ ସଦସ୍ୟ ଏସ.ପତି, କ୍ରିକେଟ୍ ପ୍ରଶିକ୍ଷକ ଏସ.ଜେନା ପ୍ରମୁଖ ପରିଚାଳନା କରିଥିଲେ। ଓଡିଶା ତଥା ପାରାଦୀପ ରେ କ୍ରିକେଟ ଖେଳର ଉନ୍ନତି ପାଇଁ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ଉଦ୍ୟମକୁ ପାରାଦୀପ ବନ୍ଦର କ୍ରୀଡା ପରିଷଦ ପକ୍ଷରୁ ପ୍ରଶଂସା କରାଯିବା ସହ ଧନ୍ୟବାଦ ଅର୍ପଣ କରାଯାଇଛି ।



# ଆଇଜିଆଇ କମ୍ପାନୀ ଆଗରେ ପରିବାର ସହ ଧାରଣା ଦେଲେ କର୍ମଚାରୀ

**ପାରାଦୀପ,(ମହାଭାରତ) :** ପାରାଦୀପ ବ୍ୟାଙ୍କ ଷ୍ଟ୍ରିଟ୍ ରେ ଥିବା ଆଜିଆଇ କମ୍ପାନୀ ଫାଟକ ସମ୍ମୁଖରେ ଶନିବାର ଦିନ ଧାରଣା ଦେଇଛନ୍ତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧିନ ପାରାଦୀପ ପୋର୍ଟ ମଜଦୁର ସଂଘର କର୍ମଚାରୀ। ଏହି ଧାରଣାରେ କର୍ମଚାରୀ ସେମାନଙ୍କ ପରିବାର ସହିତ ଶନିବାର ସକାଳୁ ଧାରଣାରେ ବସି ଥିବା ଦେଖିବାକୁ ମିଳିଛି । କମ୍ପାନୀର କର୍ମଚାରୀଙ୍କୁ ବେଆଇନ୍ ଭାବେ ବଦଳି କରାଯିବା, ବିନା ନୋଟିସ୍‌ରେ କାର୍ଯ୍ୟରୁ ଅବ୍ୟହତି ଦେବା, ମ୍ୟାନେଜମେଣ୍ଟର ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ କର୍ମଚାରୀମାନେ । କମ୍ପାନୀର କର୍ମଚାରୀମାନେ କିଛି ଦିନ ତଳେ ପାରାଦୀପ ପୋର୍ଟ ମଜଦୁର ସଂଘର ସଭ୍ୟ ହୋଇଥିଲେ। କମ୍ପାନୀର ସ୍ଥାନୀୟ ପରିଚାଳକ ଏଥିରେ କ୍ଷୁବ୍ଧ ହୋଇ ପାରାଦୀପରେ କାର୍ଯ୍ୟ କରୁଥିବା ଚାରି ଜଣ କର୍ମଚାରୀଙ୍କୁ ବେଆଇନ୍ ଭାବେ ଅନ୍ୟତ୍ର ବଦଳି କରିଥିଲେ। ମଜଦୁର ସଂଘ ପକ୍ଷରୁ ଏସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଏ ବାବଦରେ ଅବଗତ କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ । ପ୍ରଶାସନ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡକାଇ ଚାରି ଜଣ ଶ୍ରମିକଙ୍କ ବଦଳି ଆଦେଶ ପ୍ରତ୍ୟାହାର କରିବାକୁ କହିଥିଲେ ବି ପ୍ରଶାସନ କଥାକୁ ମାନିଲେନି କମ୍ପାନୀ କର୍ତ୍ତୃପକ୍ଷ । ଫଳରେ ଶନିବାରଠାରୁ ମଜଦୁର ସଂଘ ପକ୍ଷରୁ କମ୍ପାନୀ ଆଗରେ ଧାରଣା ଦେବାକୁ ଜଣାଇ ଦିଆଯାଇଥିଲା । ଫଳରେ ଶନିବାର ଦିନ କମ୍ପାନୀରେ କାର୍ଯ୍ୟରତ ଶହେ ଜଣ କର୍ମଚାରୀ ସେମାନଙ୍କ ପରିବାର ସହିତ ଧାରଣାରେ ବସିଛନ୍ତି । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀ କହିଛନ୍ତି । ଏ ସମ୍ପର୍କରେ ସ୍ୱଷ୍ଟିକରଣ ଦେଇଛି କମ୍ପାନୀ ଯେ, ପାରାଦୀପ ଶାଖାରେ କାମ ରହିଛି, ଅନ୍ୟ ଶାଖାରେ କାମ ଅଧିକ ଥିବାରୁ ଏଠାରୁ କର୍ମଚାରୀଙ୍କୁ ବଦଳି କରାଯାଇଛି ବୋଲି କହିଛନ୍ତି କମ୍ପାନୀର ଅଧିକାରୀ ସ୍ମୃତି ସୌମ୍ୟ ମହାପାତ୍ର। ଏହି ବଦଳି ସାମୟିକ ଏହାକୁ ନେଇ କାମ ବନ୍ଦ କରିବା ଠିକ୍ ନୁହେଁ ବୋଲି ଶ୍ରୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି। ଏହା ଦ୍ୱାରା କମ୍ପାନୀ ଉପରେ ଭରସା ରଖି କାମ ଦେଇଥିବା ସଂସ୍ଥାମାନେ ଆମ କାମ ବନ୍ଦ କରି ଦେଲେ ଏହି କର୍ମଚାରୀମାନଙ୍କର ଭବିଷ୍ୟତ କଣ ହେବ ?



# ବନ୍ଦର ଚିକିତ୍ସାଳୟରେ ମାଗଣା କର୍କଟ ଚିହ୍ନଟ ଶିବିର



**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦର ଚିକିତ୍ସାଳୟ ଓ ଭୁବନେଶ୍ୱରସ୍ଥିତ ବାଗଚି ଶ୍ରୀ ଶଙ୍କର କ୍ୟାନସର ସେଣ୍ଟର ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ମିଳିତ ସହଯୋଗରେ ବନ୍ଦର ଚିକିତ୍ସାଳୟରେ କର୍କଟ ଚିହ୍ନଟ ଶିବିର ଶନିବାର ଦିନ ଆୟୋଜିତ ହୋଇଥିଲା । ଏହି ଶିବିରକୁ ବନ୍ଦର ସଚୀବ ୟୁ.ଆର.ମୋହନରାଜୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ବି ବି ଦାସ ଏବଂ ଅନ୍ୟ ବିଭାଗୀୟ ମୁଖ୍ୟ, ପାରାଦୀପ ଲେଡିଜ୍ କ୍ଲବ୍ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶିବିରରେ ୬୭ଜଣଙ୍କର ପରୀକ୍ଷା କରାଯାଇଥିଲା। ଯେଉଁ ମହିଳାମାନଙ୍କର ଶରୀରରେ ଲକ୍ଷଣ ଦେଖା ଦେବ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଘୋଷଣା କରାଯାଇଛି । ପାରାଦୀପ ବନ୍ଦର ପକ୍ଷରୁ ଏଭଳି ସମୟ ଉପଯୋଗୀ ଶିବିର ଆୟୋଜନକୁ ଉଚ୍ଚ ପ୍ରଶଂସା କରାଯାଇଛି ।

# ମନୋଲୋ ମାର୍କଜଙ୍କୁ ଭାରତୀୟ ଫୁଟବଲର କୋଚ



**ନୂଆଦିଲ୍ଲୀ ୨୦।୭:** ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫଏଫ) ଆଜି ସ୍ପେନର ମନୋଲୋ ମାର୍କଜଙ୍କୁ ଭାରତୀୟ ପୁରୁଷ ଫୁଟବଲର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି ।ମାର୍କଜ ବର୍ତ୍ତମାନ ଇଣ୍ଡିଆ ସୁପର ଲିଗ(ଆଇଏସଏଲ) ଟିମ ଏଫସି ଗୋଆର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି ।

ନିଯୁକ୍ତି ସମ୍ପର୍କରେ ପ୍ରତିକ୍ରିୟା ଦେଇ ଏଆଇଏଫଏଫର ସଭାପତି କଲ୍ୟାଣ ଚୌବେ କହିଛନ୍ତି, ଆମେ ମାର୍କଜଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ସ୍ୱାଗତ କରିବା ପାଇଁ ବେଶ ଉତ୍ସାହିତ । ଜାତୀୟ ଡ୍ୟୁଟି ପାଇଁ ଏଫସି ଗୋଆ ତାଙ୍କୁ ରିଲିଜ କରିଥିବାରୁ ଉକ୍ତ ଫ୍ରାଞ୍ଚାଇଜକୁ ମଧ୍ୟ ଧନ୍ୟବାଦ ଜଣାଉଛୁ । ଆମେ ଆଗାମୀ ବର୍ଷ ଗୁଡ଼ିକରେ ମାର୍କଜଙ୍କ ସହ କାମ କରିବାକୁ ଆଶା ରଖିଛୁ । ଏଆଇଏଫଏଫ, ଏଫସି ଗୋଆ ଓ ମାର୍କଜ ମିଳିତ ଭାବେ ସବୁ କିଛି କରିଛୁ ।

୨୦୨୪-୨୫ ସିଜିନରେ ମାର୍କଜ ପ୍ରଥମ ଟିମ ଏଫସି ଗୋଆର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ କରିବେ । ଏଥିସହ ଭାରତୀୟ ଟିମର ମଧ୍ୟ ଦାୟିତ୍ୱ ନେବେ । ଏହାପରେ ସେ ପୂର୍ଣ୍ଣକାଳୀନ ଭାବେ ଭାରତୀୟ ପୁରୁଷ ଫୁଟବଲ ଟିମର ମୁଖ୍ୟ କୋଚ ଭାବେ କାର୍ଯ୍ୟ ଆରମ୍ଭ କରିବେ ବୋଲି ଏଆଇଏଫଏଫ କହିଛି ।

ମାର୍କଜ ନିଜର ନିଯୁକ୍ତି ସମ୍ପର୍କରେ କହିଛନ୍ତି ଯେ ଭାରତର ଜାତୀୟ ଟିମ କୋଚ ହେବା ଗୋଟିଏ ସମ୍ମାନର ବିଷୟ । ଭାରତକୁ ମୁଁ ମୋର ଦ୍ୱିତୀୟ ଘର ଭାବେ ବିବେଚନା କରେ । ଭାରତ ଓ ଏହାର ଲୋକମାନଙ୍କ ସହ ମୁଁ ଜଡ଼ିତ । ମୁଁ ଏଠାକୁ ଆସିବା ପରଠାରୁ ଏହାର ଅଂଶବିଶେଷ ବୋଲି ଅନୁଭବ କରିଛି । ମୁଁ ଫ୍ୟାନ୍ସଙ୍କୁ ସଫଳତା ଦେବା ପାଇଁ ସବୁ ପ୍ରକାରର ଚେଷ୍ଟା କରିବି । ମୁଁ ଏଫସି ଗୋଆକୁ ମଧ୍ୟ ଧନ୍ୟବାଦ ଜଣାଉଛି । ଏଆଇଏଫଏଫ ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞତା ଜଣାଉଛି । ୫୫ ବର୍ଷୀୟ ମନୋଲୋ ମାର୍କଜ ଭାରତୀୟ ଫୁଟବଲ ସହ ବେଶ କିଛି ବର୍ଷ ହେଲା ଜଡ଼ିତ । ୨୦୨୦ରୁ ସେ ଭାରତରେ କୋଚିଂ ଦେଇ ଆସୁଛନ୍ତି । ୨୦୨୦-୨୩ ଯାଏ ସେ ହାଇଦ୍ରାବାଦ ଏଫସିର କୋଚ ଥିଲେ । ୨୦୨୩ରୁ ସେ ଏଫସି ଗୋଆର କୋଚ ରହିଛନ୍ତି । ୨୦୨୧-୨୨ରେ ତାଙ୍କ କୋଚିଂରେ ହାଇଦ୍ରାବାଦ ଏଫସି ଆଇଏସ୍ଏଲ ଟ୍ରଫି ଜିତିଥିଲା ।

# ଟି ଦିଲୀପ, ଅଭିଷେକ ନାୟାର ଓ ଡେସକାଟେ ଗମ୍ଭୀରଙ୍କ କୋଚିଂ ଟିମରେ ସାମିଲ

**ନୂଆଦିଲ୍ଲୀ ୨୦।୭:** ଭାରତୀୟ କ୍ରିକେଟ ଟିମର ସହାୟକ ବା ସହଯୋଗୀ କୋଚ୍ ଭାବେ ବିସିସିଆଇ ଅଭିଷେକ ନାୟାର ଓ ନେଦରଲ୍ୟାଣ୍ଡର ପୂର୍ବତନ ଖେଳାଳି ରାୟାନ ଟେନ ଡେସକାଟେଙ୍କୁ ନିଯୁକ୍ତ କରିବାକୁ ଯାଉଥିବା ଜଣାପଡ଼ିଛି ।

ଅବଶ୍ୟ ଏଯାଏ ଏନେଇ କୌଣସି ବିଧିବଦ୍ଧ ବିବୃତି ପ୍ରକାଶ ପାଇ ନାହିଁ, କିନ୍ତୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କୋଚିଂ ଟିମରେ ଏହି ଦୁଇ ହେଭିୱେଟ ସାମିଲ ହେବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି । ଏପରି କି ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜରେ ନାୟର ମଧ୍ୟ ଗମ୍ଭୀରଙ୍କୁ ସହାୟତା ପାଇଁ ଗସ୍ତ କରିବେ ।

ଗମ୍ଭୀର ଆଇପିଏଲ ଟିମ କେକେଆରର ମେଣ୍ଟୋର ଥିବା ବେଳେ ନାୟର ଉକ୍ତ ଟିମର ସହାୟକ କୋଚ୍ ଓ ଡେସକାଟେ ଫିଲ୍ଡିଂ କୋଚ୍ ରହିଥିଲେ । ତେଣୁ ଉଭୟଙ୍କୁ ଗମ୍ଭୀରଙ୍କ ପରାମର୍ଶରେ ହିଁ ଟିମ ଇଣ୍ଡିଆର କୋଚିଂ ଟିମରେ ସାମିଲ କରାଯାଉଥିବା ଜଣାପଡ଼ିଛି ।




ବିଦାୟୀ କୋଚ୍ ରାହୁଲ ଦ୍ରାବିଡଙ୍କ କୋଚିଂ ଟିମରେ ଫିଲ୍ଡିଂ କୋଚ୍ ଥିବା ଟି ଦିଲୀପ ନିଜ ସ୍ଥାନ ବଜାୟୀ ରଖିଛନ୍ତି । ସେ ଗମ୍ଭୀରଙ୍କ କୋଚିଂ ଟିମରେ ମଧ୍ୟ ସପୋର୍ଟ ଷ୍ଟାଫ୍ ଭାବେ ଟିମ ଇଣ୍ଡିଆ ସହ ରହିବେ ।

ଅନ୍ୟପକ୍ଷରେ ଟିମ ଇଣ୍ଡିଆର ବୋଲିଂ କୋଚ୍ କିଏ ହେବେ, ତା'କୁ ନେଇ ସସପେନ୍ସ ଜାରି ରହିଛି । କିନ୍ତୁ ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର ମୋର୍ଣ୍ଣି ମୋର୍କେଲ ଏହି ଦୌଡ଼ରେ ଆଗରେ ଥିବା କୁହାଯାଉଛି । ମୋର୍କେଲ ମଧ୍ୟ ଗମ୍ଭୀରଙ୍କ ସହ କୋଲକାତା ନାଇଟ ରାଇଡର୍ସ ପାଇଁ କାମ କରି ସାରିଛନ୍ତି ।

୨୦୧୪ରୁ ୨୦୧୬ ଯାଏ ମୋର୍କେଲ କେକେଆର ପାଇଁ ଗମ୍ଭୀରଙ୍କ କ୍ୟାପ୍ଟେନ୍ସିରେ ଖେଳିଥିଲେ । ଦଳ ୨୦୧୪ରେ ଟ୍ରଫି ମଧ୍ୟ ଜିତିଥିଲା । ଏବେ ବିସିସିଆଇ ତାଙ୍କ ସହ ବୋଲିଂ କୋଚ ପଦ ପାଇଁ କଥା ହେଉଥିବା ଜଣାପଡ଼ିଛି ।

ରିପୋର୍ଟ ମୁତାବକ ଟି ଦିଲୀପ ଓ ନାୟାର ଟିମ ଇଣ୍ଡିଆ ସହ ଶ୍ରୀଲଙ୍କା ଗସ୍ତ କରିବେ । ହେଲେ ଟେନ ଡେସକାଟ କେବେ କୋଚିଂ ଟିମରେ ସାମିଲ ହେବେ, ସେକଥା ଜଣାପଡ଼ିନି । କାରଣ ଏବେ ସେ ମେଜର ଲିଗ କ୍ରିକେଟରେ ଏଲଏ ନାଇଟ ରାଇଡର୍ସର କୋଚିଂ ଦାୟିତ୍ୱରେ ଅଛନ୍ତି ।

# ସାମସଙ୍ଗର ମୋବାଇଲ ବ୍ୟବସାୟୀକ ମୁଖ୍ୟ ଟିଏମ ରୋହ

**ନୂଆଦିଲ୍ଲୀ ୨୦।୭:** ଭାରତ ପୃଥିବୀର ଏକ ସର୍ବବୃହତ୍ ସ୍ମାର୍ଟଫୋନ ମାର୍କେଟ ଅଟେ, ଦକ୍ଷିଣ କୋରିଆର ପ୍ରମୁଖ ସାମସଙ୍ଗ ଇଲେକ୍ଟ୍ରୋନିକ୍ସର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଏହି ମତବ୍ୟକ୍ତ କରିଛନ୍ତି, ସାମସଙ୍ଗ ପାଇଁ ଏହା ଏକ ଅବିରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାକୁ ଯାଉଛି । ଭାରତରେ ବିକ୍ରୟ ହେଉଥିବା ପାଖାପାଖି ୮୦ ପ୍ରତିଶତ ସ୍ମାର୍ଟଫୋନର ମୂଲ୍ୟ ୩୦,୦୦୦ ଟଙ୍କାରୁ ନିମ୍ନରେ ରହିଛି କିନ୍ତୁ ଅଧିକରୁ ଅଧିକ ଗ୍ରାହକ ପ୍ରିମିୟମ ବ୍ରାଣ୍ଡ ସ୍ମାର୍ଟଫୋନକୁ ଗ୍ରହଣ କରିଛନ୍ତି ଏହି ଫୋଲଡ଼େବୁଲ ଯୁକ୍ତ ସୁରକ୍ଷିତ ସାମଗ୍ରୀର ବୃଦ୍ଧିକୁ ପରିଚାଳିତ କରି ।

"ଭାରତୀୟ ବଜାର ଏଭଳି ଏକ ବଜାର ଯେଉଁଠାରେ ଏହି ଫୋଲଡ଼େବୁଲ ସାମଗ୍ରୀର ଅତି ଦ୍ରୁତ ?ର ବୃଦ୍ଧି ପାଇଛି । ଗାଲାକ୍ସି ଫୋଲଡ଼େବୁଲ ଉପରେ ସବୁ ନଜର ଏକାଠି ହୋଇଛି । ଚଳିତ ବର୍ଷ ଏହି ମାର୍କେଟ ଚାହିଦା ବୃଦ୍ଧିର ଆମେ ଆଶା ରଖିଛୁ ଏବଂ ଆମର ଆଶା, ଭାରତୀୟ ଗ୍ରାହକ ମାନେ ନୂତନ ଗାଲାକ୍ସି ଜେଡ଼ ଫ୍ଲିପ୍‌୬ ଏବଂ ଗାଲାକ୍ସି ଜେଡ଼ ଫୋଲ୍ଡ୬କୁ ଆବୋରି ନେବେ ଯାହାକି ଗାଲାକ୍ସି ଏଆଇ ବିଶେଷତ୍ୱ ସହିତ ମିଶିକରି ଅଛି ଏବଂ ଫୋଲଡ଼େବୁଲ ପାଇଁ ଅନୁକୂଳତମ ଅଟେ", ଏହି ମତବ୍ୟକ୍ତ କରିଛନ୍ତି ଟିଏମ ରୋହ, ସଭାପତି ଏବଂ ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ମୋବାଇଲ ଏକ୍ସପେରିଏନ୍ସ ବିଜିନେସ ମୁଖ୍ୟ । ଗାଲାକ୍ସି ଫୋଲ୍ଡ୬ ଏବଂ ଗାଲାକ୍ସି ଜେଡ଼ ଫ୍ଲିପ୍‌୬ ଭଳି ଫୋଲଡ଼େବୁଲ ଯୁକ୍ତ ସ୍ମାର୍ଟଫୋନ ଯାହାକି ସାମସଙ୍ଗ ଦ୍ୱାରା ନିକଟରେ ଶୁଭାରମ୍ଭ ହୋଇଛି, ପୂର୍ବ ପିଢ଼ୀର ଅନ୍ୟାନ୍ୟ ଫୋଲଡ଼େବୁଲ ଯୁକ୍ତ ସ୍ମାର୍ଟଫୋନ ତୁଳନାରେ କେବଳ ୨୪ଘଂଟା ମଧ୍ୟରେ ଭାରତରେ ଏଥିରେ ୪୦ ପ୍ରତିଶତରୁ ଅଧିକ ପ୍ରି-ଅର୍ଡ଼ର ହୋଇପାରିଛି । ଷଷ୍ଠ ପିଢ଼ୀର ଏହି ଗାଲାକ୍ସି ଫୋଲଡ଼େବୁଲ ଯୁକ୍ତ ସ୍ମାର୍ଟଫୋନ ଗାଲାକ୍ସି ଏଆଇ କ୍ଷମତା ଯୁକ୍ତ ଅଟେ, ଏବଂ ସାମସଙ୍ଗ ଏଆଇ ଯୁକ୍ତ ଯନ୍ତ୍ରପାତିକୁ ଏହା ଯୋଗାଯୋଗର ସମସ୍ତ ପ୍ରତିବନ୍ଧକକୁ ଦୂର କରିବାରେ ସାହାଯ୍ୟ କରିବା ସହିତ ଗ୍ରାହକମାନଙ୍କର ସୃଜନଶୀଳତା ତଥା ଉତ୍ପାଦନୀୟ ଗୁଣକୁ ନିୟନ୍ତ୍ରଣ ମୁକ୍ତ କରିଥାଏ ।

# ଯୁବ ଚେସ୍ ପ୍ରତିଭାଙ୍କ ପାଇଁ ପ୍ରୋଚେସ୍ ପ୍ରଶିକ୍ଷଣ ଏକାଡେମୀ ଆଶାର କିରଣ




**ଭୁବନେଶ୍ୱର,୨୦।୭ (ମହାଭାରତ):** କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଶନିବାର ପ୍ରୋଚେସ୍ ପ୍ରଶିକ୍ଷଣ ଏକାଡେମୀ(ପ୍ରୋଚେଷ୍ଟା)ର ପ୍ରତିଷ୍ଠା ଦିବସ ଓ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଏକ ପାଠାଗାର ଉଦ୍‌ଘାଟନ କରିଛନ୍ତି । ଏହି ପ୍ରତିଷ୍ଠା ସମାରୋହରେ ଶ୍ରୀ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଚେସ୍ ଖେଳକୁ ପ୍ରୋତ୍ସାହନ ଦେବା ଓ ପ୍ରତିଭାମାନଙ୍କୁ ପ୍ରଶିକ୍ଷିତ କରିବା ଦିଗରେ ଏକାଡେମୀର ପ୍ରୟାସ ରାଜ୍ୟରେ ଏକ ନୂଆ ମାନଦଣ୍ଡ ସୃଷ୍ଟି କରିଛି । ଚେସ୍ ଖେଳାଳିମାନେ ଯେପରି ଉତ୍ତମ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଅର୍ଜନ କରିବାରେ ସର୍ବୋତମ ସୁଯୋଗ ପାଇବେ ସେଥି ପାଇଁ ବିଭାଗ ସମସ୍ତ ସହଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ଯୁବ ଚେସ୍ ପ୍ରତିଭାଙ୍କ ପାଇଁ ଏହି ଏକାଡେମୀ ଆଶାର କିରଣ ପାଲଟିଛି । ଆଗାମୀ ଦିନରେ ଏହି ଏକାଡେମୀ ବିଶ୍ୱସ୍ତରୀୟ ଚେସ୍ ଖେଳାଳି ସୃଷ୍ଟି କରି ଓଡ଼ିଶାକୁ ଗୌରବାନ୍ୱିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଚେସ୍ ଖେଳପ୍ରତି ଅନୁରାଗ ରଖୁଥିବା ଯୁବପ୍ରତିଭାମାନଙ୍କୁ ଏହି ଖେଳ ଶିଖିବା, ପାରଦର୍ଶିତା ଲାଭ କରିବା ଏବଂ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଗୋଟିଏ ସ୍ଥାନରେ ସମସ୍ତ ସୁବିଧାସୁଯୋଗ ପ୍ରଦାନ କରିବାର ଆଭିମୁଖ୍ୟ ନେଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଥିଲା । ଉଦ୍‌ଘାଟନୀ ବର୍ଷରେ ପ୍ରୋଚେସ୍ ପ୍ରଶିକ୍ଷଣ ଏକାଡେମୀ ପ୍ରୋଡିଜି ଟୁର୍ଣ୍ଣାମେଂଟ, ଗ୍ରୀଷ୍ମକାଳୀନ ଶିବିର, ଗ୍ରୀଷ୍ମକାଳୀନ ଗ୍ରାଣ୍ଡମାଷ୍ଟର ପ୍ରଶିକ୍ଷଣ ଶିବିର, ଚେସ୍ ରିପବ୍ଲିକ, ଅଲ୍ ଓଡ଼ିଶା ଓପନ୍ ସ୍କୁଲ ରାପିଡ୍ ଚେସ୍ ଟୁର୍ଣ୍ଣାମେଂଟ, ଗ୍ରାଣ୍ଡମାଷ୍ଟର ଚେସ୍ ଟ୍ରେନିଂ କ୍ୟାମ୍ପ, ୭ ବର୍ଷରୁ କମ୍ ଚେସ ଖେଳାଳିଙ୍କ ଜାତୀୟ ପ୍ରସ୍ତୁତି ଶିବିର ଏବଂ ରାଜ୍ୟସ୍ତରୀୟ ବ୍ଲିଜ୍ ଚେସ୍ ଚମ୍ପିଅନସିପ୍ ୨୦୨୩ ସମେତ ଅନେକ ସମ୍ମାନଜନକ ଟୁର୍ଣ୍ଣାମେଂଟ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସକ୍ଷମ ହୋଇଛି ।

ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଉଦୀୟମାନ ଚେସ୍ ଖେଳାଳିଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହି ଇଭେଂଟଗୁଡ଼ିକ ବିଶେଷ ସୁଯୋଗ ପ୍ରଦାନ କରିଛି । ଏହି ଏକାଡେମୀ ସର୍ବଭାରତୀୟ ଚେସ୍ ମହାସଂଘ ଓ ଓଡ଼ିଶା ଚେସ୍ ସଂଘର ସହଯୋଗରେ ଯୁବ ଚେସ୍ ପ୍ରତିଭାଙ୍କ ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ।

ଫିଡେ ଟ୍ରେନର ତଥା ଇଂଟରନ୍ୟାସନାଲ ମାଷ୍ଟର ଏସ. ସତ୍ୟପ୍ରଜ୍ଞ ଏହି ଏକାଡେମୀରେ ପ୍ରଶିକ୍ଷାର୍ଥୀମାନଙ୍କୁ ସମୁଚିତ ପରାମର୍ଶ ଓ ପ୍ରଶିକ୍ଷଣ ଦେଇ ଖେଳାଳିଙ୍କ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରୁଛନ୍ତି । ତାଙ୍କର ମାର୍ଗଦର୍ଶନ ରାଜ୍ୟର ଅନେକ ପ୍ରତିଭାବାନ ଚେସ୍ ଖେଳାଳିଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଛି ।

# ଇସୁଜୁ ମୋଟର୍ସ ଇଣ୍ଡିଆର ଆଇ-କେୟାର ମୌସୁମୀ ଶିବିର

**ନୂଆଦିଲ୍ଲୀ ୨୦।୭:** ସର୍ବୋତମ ସେବା ଏବଂ ମାଲିକାନା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଆଇଏସ୍ୟୁଜୟୁ ପ୍ରତିବଦ୍ଧତାକୁ ଦୋହରାଇବା ପାଇଁ, ଇସୁଜୁ ମୋଟର୍ସ ଇଣ୍ଡିଆ ଏହାର ବିଭିନ୍ନ ଆଇଏସୁଜୁ ଡି-ମ୍ୟାକ୍ସ ପିକ୍ ଅପ୍ ଏବଂ ଏସୟୁଭି ପାଇଁ ଏକ ଦେଶବ୍ୟାପୀ 'ଆଇଏସ୍ୟୁଜୁ ଆଇ-କେୟାର ମୌସୁମୀ ଶିବିର' ଆୟୋଜନ କରିବ । ସାରା ଦେଶରେ ଋତୁରେ ଗ୍ରାହକମାନଙ୍କୁ ଅସୁବିଧାମୁକ୍ତ ଡ୍ରାଇଭିଂ ଅନୁଭୂତି ପାଇଁ ଆକର୍ଷଣୀୟ ସୁବିଧା ଏବଂ ପ୍ରତିଷେଧକ ରକ୍ଷଣାବେକ୍ଷଣ ଯାଂଚ୍ ପ୍ରଦାନ କରିବା ଏହି ସେବା ଶିବିରର ଉଦ୍ଦେଶ୍ୟ । ଆଇଏସ୍ୟୁଜୁ କେୟାରର ଏକ ଉଦ୍ୟମରେ ମୌସୁମୀ ଶିବିର ୨୨ - ୨୮ ଜୁଲାଇ ୨୦୨୪ (ଉଭୟ ଦିନ ଅନ୍ତର୍ଭୁକ୍ତ) ମଧ୍ୟରେ ସମସ୍ତ ଆଇଏସ୍ୟୁଜୁ ଅନୁମୋଦିତ ଡିଲର ସର୍ଭିସ୍ ଆଉଟଲେଟରେ ଆୟୋଜନ କରାଯିବ । ଏହି ସମୟ ମଧ୍ୟରେ ଗ୍ରାହକମାନେ ସେମାନଙ୍କ ଗାଡି ପାଇଁ ସ୍ୱତନ୍ତ୍ର ଅଫର ଏବଂ ସୁବିଧା ମଧ୍ୟ ପାଇପାରିବେ । ଗ୍ରାହକମାନେ ନିକଟସ୍ଥ ଆଇଏସୟୁଜୁ ଡିଲର ଆଉଟଲେଟକୁ ଫୋନ କରିପାରିବେ କିମ୍ବା ୱେବସାଇଡ୍‌ରେ ବୁକିଂ ତଥା ୧୮୦୦ ୪୧୯୯ରେ କଲ୍ କରିପାରିବେ । ଅଧିକ ସୂଚନା ପାଇଁ ୧୮ (ଟୋଲ୍-ଫ୍ରି) । ମୌସୁମୀ ଶିବିର ଅହମ୍ମଦାବାଦ, ବାରାମୁଲା, ବେଙ୍ଗାଲୁରୁ, ଭାଣ୍ଡୁପ (ମମ), ଭୀମାଭାରାମ, ଭୁଜ, କାଲିକଟ, ଚେନ୍ନାଇ, କୋଏମ୍ବାଟୁର, ଦିମାପୁର, ଦୁର୍ଗାପୁର, ଗାନ୍ଧୀଧାମ, ଗୋରଖପୁର, ଗୁରୁଗ୍ରାମ, ଗୌହାଟୀ, ହୁବଲି, ହାଇଦ୍ରାବାଦ, ଇନ୍ଦୋର, ଇଟାନଗର, ଜୟପୁର, ଜୟଗାଓଁ, ଜମ୍ମୁ, ଜଳନ୍ଧର, ଯୋଧପୁର, କର୍ନାଲ, କୋଚି, କୋହ୍ଲାପୁର, କୋଲକାତା, କୁର୍ଣ୍ଣୁଲ, ଲକ୍ଷ୍ନୌ, ଏଲବି ନଗର (ହାଇଡ୍), ଲେହ, ମଦୁରାଇ, ମାଙ୍ଗାଲୋର, ମେହସାନା, ମୁମ୍ବାଇ, ମୋହାଲିରେ ଅବସ୍ଥିତ ସମସ୍ତ ଅନୁମୋଦିତ ସେବା କେନ୍ଦ୍ରରେ ଆୟୋଜନ କରାଯିବ । ନାଗପୁର, ନାସିକ, ନୂଆଦିଲ୍ଲୀ, ନୋଏଡା, ନେଲ୍ଲୋର, ପୁଣେ, ରାୟପୁର, ରାଜମୁନ୍ଦ୍ରୀ, ରାଜକୋଟ, ସିଲିଗୁଡ଼ି, ସୁରଟ, ତ୍ରିସୁର, ତିରୁପତି, ତ୍ରିଚି, ତ୍ରିଭେନ୍ଦ୍ରମ, ଭଦୋଦରା, ବିଜୟୱାଡା ଏବଂ ବିଶାଖାପାଟଣା ।

# ଗମ୍ଭୀରଙ୍କ ପସନ୍ଦ ତାଲିକାରେ ନାହାଁନ୍ତି ହାର୍ଦ୍ଦିକ, ରାହୁଲ ଓ ପନ୍ତ !




**ନୂଆଦିଲ୍ଲୀ ୨୦।୭:** ଟି-୨୦ ଫର୍ମାଟରୁ ରୋହିତ ଶର୍ମା ଏବଂ ବିରାଟ କୋହଲି ଅବସର ନେବା ପରେ ଭାରତୀୟ କ୍ରିକେଟରେ ହଲଚଲ ତୀବ୍ର ହୋଇଛି । ଶ୍ରୀଲଙ୍କା ଗସ୍ତ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ଟି -୨୦ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି, କିନ୍ତୁ ସମସ୍ତଙ୍କ ଆଖି ମଧ୍ୟ ଶୁଭମନ ଗିଲଙ୍କ ଉପରେ ରହିଛି । ଗିଲଙ୍କୁ କେବଳ ଟି -୨୦ ନୁହେଁ ବରଂ ଦିନିକିଆ ସିରିଜର ଉପ-ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି । ଏହି ନିଷ୍ପତ୍ତି ପରେ ଚର୍ଚ୍ଚା ଜୋର ଧରିଛି ଯେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ଗିଲଙ୍କୁ ଭାରତୀୟ ଦଳର ପରବର୍ତ୍ତୀ ଅଧିନାୟକ ଭାବରେ ବିଚାର କରୁଛନ୍ତି କି ? ଗୌତମ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ହେବା ମାତ୍ରେ ଲାଗୁଛି ଯେପରି ଶୁଭମନ ଗିଲଙ୍କ ସ୍ୱର୍ଣ୍ଣିମ ଯାତ୍ରା ଆରମ୍ଭ ହୋଇଛି । ସେ ଟି -୨୦ ବିଶ୍ୱକପ ପରେ ତୁରନ୍ତ ଜିମ୍ବାୱେ ଗସ୍ତରେ ଭାରତର ଅଧିନାୟକ ଭାବରେ ନିଯୁକ୍ତ ହୋଇଥିଲେ, ଯେଉଁଠାରେ ଦଳ ତାଙ୍କ ଅଧୀନରେ ୪-୧ରେ ସିରିଜ୍ ଜିତିଥିଲା । ଦିନିକିଆ ଦଳର ଅଧିନାୟକ ଏବେ ମଧ୍ୟ ରୋହିତ ଶର୍ମା ଅଛନ୍ତି ଏବଂ ତାଙ୍କ ଅଧୀନରେ ଖେଳିବା ଦ୍ୱାରା ଗିଲ ବହୁତ କିଛି ଶିଖିପାରିବେ ତାଙ୍କୁ ମାତ୍ର ୨୪ ବର୍ଷ ବୟସ ଏବଂ ତାଙ୍କୁ ଶିଖିବାକୁ ବହୁତ ସମୟ ଅଛି ତେଣୁ, ରୋହିତ ଶର୍ମା ସମ୍ପୂର୍ଣ୍ଣ ଅବସର ନେବା ବେଳକୁ ଗିଲ ପରିପକ୍ୱ ହୋଇଯିବେ । ତେବେ ଆଲୋଚନା ହେଉଛି ଯେ ଗମ୍ଭୀର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଣଦେଖା କରିଦେଇଛନ୍ତି କୁହାଯାଇଛି ଯେ ଫିଟନେସ୍, ବାରମ୍ବାର ଆଘାତ ଏବଂ କାର୍ଯ୍ୟଭାର ପରିଚାଳନା ତାଙ୍କୁ ଅଧିନାୟକତ୍ୱରୁ ଦୂରେଇ ନେଉଛି  ଅନ୍ୟପକ୍ଷରେ, ଋଷଭ ପନ୍ତ ମଧ୍ୟ ୨୦୨୨ ମସିହାରେ ଦୁର୍ଘଟଣା ପରେ ସେ ଟିମ୍ ଇଣ୍ଡିଆରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରବେଶ କରିପାରି ନାହାଁନ୍ତି । ଏହିପରି ଭାବରେ, ପନ୍ତ ଏବଂ ପାଣ୍ଡ୍ୟା ଶୁଭମନ ଗିଲଙ୍କ ଦୁଇ ବଡ ପ୍ରତିଯୋଗୀ ଅଧିନାୟକ ଦୌଡ଼ରେ ତାଙ୍କ ପଛରେ ରହିଛନ୍ତି । ଦଳ ଘୋଷଣା ପୂର୍ବରୁ କେ.ଏଲ୍ ରାହୁଲଙ୍କୁ ଦିନିକିଆ ସିରିଜରେ ଅଧିନାୟକ କରିବା କଥା ଚର୍ଚ୍ଚା ହୋଇଥିଲା । ଯଦି ଏହା ହୋଇଥାନ୍ତା ତେବେ ରୋହିତ ଶର୍ମା ଫେରିବା ପରେ ରାହୁଲଙ୍କୁ ଉପ-ଅଧିନାୟକ କରାଯିବ ବୋଲି କୁହାଯାଉଥିଲା । କିନ୍ତୁ ରାହୁଲଙ୍କ ବଦଳରେ ଗିଲଙ୍କୁ ଏହି ଦାୟିତ୍ୱ ଦିଆଯାଇଛି  ଗିଲ୍ ଆଇପିଏଲ୍ ୨୦୨୪ରେ ଗୁଜୁରାଟ ଟାଇଟାନ୍ସର ଅଧିନାୟକତ୍ୱ ଗ୍ରହଣ କରିଥିଲେ  ସେଠାରେ ସେ ଭାରତର କିମ୍ବଦନ୍ତୀ ଦ୍ରୁତ ବୋଲର ଆଶିଷ ନେହେରାଙ୍କଠାରୁ ବହୁତ କିଛି ଶିଖିଥିଲେ  ଯଦିଓ ଗୁଜୁରାଟ ଦଳ ପଏଣ୍ଟ ଟେବୁଲରେ ଅଷ୍ଟମ ସ୍ଥାନ ହାସଲ କରିଥିଲା, କିନ୍ତୁ ଏହି ଅଭିଜ୍ଞତା ଭବିଷ୍ୟତରେ ଗିଲଙ୍କୁ ସାହାଯ୍ୟ କରିପାରେ

# କ୍ରିକେଟ ମଇଦାନରେ ମୁହାଁମୁହିଁ ହେବେ ଦୁଇ ଉଦ୍ୟୋଗପତି ।

**ନୂଆଦିଲ୍ଲୀ ୨୦।୭:** ଦେଶର ଦୁଇ ବଡ ଧନୀବ୍ୟକ୍ତି ମୁକେଶ ଅମ୍ବାନୀ ଏବଂ ଗୌତମ ଅଦାନୀ ମଧ୍ୟରେ କ୍ରିକେଟ୍ ପିଚରେ ପ୍ରତିଯୋଗିତା ଦେଖିବା ପାଇଁ ମିଳିପାରେ । ଘରୋଇ ଇକ୍ୱିଟି ଫାର୍ମ ସିଭିସି କ୍ୟାପିଟାଲ୍ ପାର୍ଟନର୍ସ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ ଗୁଜୁରାଟ୍ ଟାଇଟାନ୍ସ ନିୟନ୍ତ୍ରଣ ଅଂଶ ବିକ୍ରି କରିବା ପାଇଁ ଯାଉଛି । ଏଥି ପାଇଁ ଆଦାନୀ ଗ୍ରୁପ ଏବଂ ଟୋରେ ଗ୍ରୁପ ସହ ଆଲୋଚନା ଚାଲିଛି । ସୂଚନା ଅନୁସାରେ ସଂଖ୍ୟାଲଘୁ ଅଂଶଧନ ବଜାୟ ରଖିବାବେଳେ ସିଭିସି ଆଇପିଏଲ ଫ୍ରାଞ୍ଚାଇଜରେ ଅଧିକାଂଶ ଅଂଶ ବିକ୍ରି କରିବା ପାଇଁ ପ୍ରସ୍ତୁତ ଅଛି । ୩ ବର୍ଷ ପୁରୁଣା ଫ୍ରାଞ୍ଚାଇଜ୍ ଗୁଜୁରାଟ ଟାଇଟାନ୍ସର ମୂଲ୍ୟ ୧ ବିଲିୟନରୁ ୧.୫ ବିଲିୟନ ମଧ୍ୟରେ ହୋଇପାରେ । ୨୦୨୧ ମସିହାରେ ସିଭିସି ଫ୍ରାଞ୍ଚାଇଜ୍ ୫,୬୨୫ କୋଟିରେ କିଣିଥିଲା । ଆମେରିକା ନିବେଶ ବ୍ୟାଙ୍କ ହୁଲିଆନ୍ ଲୋକି ୬ ବିଲିୟନ ଡଲାର ମୂଲ୍ୟର ମିଡିଆ ଅଧିକାରୀ ଚୁକ୍ତି କାରଣରୁ ଆଇପିଏଲର ମୂଲ୍ୟ ୬.୪ ବିଲିୟନ ଡଲାର ବୋଲି ଆକଳନ କରିଛନ୍ତି । ୨୦୨୨ ରେ ବିସିସିଆଇ ଡିଜନୀ ଷ୍ଟାର ଏବଂ ଭାଏକମ୍ ୧୮ ସହିତ ମିଡିଆ ଅଧିକାର ଚୁକ୍ତି ସ୍ୱାକ୍ଷର କରିଥିଲା । ଏକ ସୂତ୍ରରୁ ଜଣା ପଡିଛି ଯେ, ୨୦୨୧ ରେ ଆଇପିଏଲର ଅହମ୍ମଦାବାଦ ଫ୍ରାନଚାଇଜ୍ କିଣିବାରେ ଆଦାନୀ ବଂଚିତ ହୋଇଥିଲେ । ଆଇପିଏଲର ଫ୍ରାଞ୍ଚାଇଜ ବର୍ତ୍ତମାନ ନିବେଶଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏହାର କାରଣ ହେଉଛି ଲିଗ୍ କଠିନ ନଗଦ ପ୍ରବାହ ସହିତ ଏକ ଆକର୍ଷଣୀୟ ସମ୍ପତ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ଆଦାନୀ ମହିଳା ପ୍ରିମିୟର ଲିଗ୍ ଏବଂ ୟୁଏଇର ଆନ୍ତର୍ଜାତୀୟ ଲିଗ୍ ଟି-୨୦ ରେ ଟିମ୍ କିଣିଛନ୍ତି । ୨୦୨୩ ରେ ଆଦାନୀ ୧୨୮୯ କୋଟି ଟଙ୍କାର ସର୍ବାଧିକ ବିଲ ଲଗାଇ ଅହମ୍ମଦାବାଦ ଫ୍ରାଞ୍ଚାଇଜ୍ କିଣିଥିଲେ । ସିଭିସି ୧୯୩ ବିଲିୟନ ଟଙ୍କା ମୂଲ୍ୟର ସମ୍ପତ୍ତି ପରିଚାଳନା କରେ । ଏହା କ୍ରିଡା କ୍ଷେତ୍ରରେ ବିପୁଳ ପରିମାଣରେ ବିନିଯୋଗ କରିଛି । ଏଥିରେ ଲା-ଲିଗା, ପ୍ରିମିୟରସିପ୍ ରଗବୀ, ଭଲିବଲ ୱାର୍ଲ୍ଡ ଏବଂ ମହିଳା ଟେନିସ୍ ଏସୋସିଏସନ ଅନ୍ତର୍ଭୁକ୍ତ । ୨୦୨୧ ମସିହାରେ ବିସିସିଆଇ ଦୁଇଟି ଦଳ ଯୋଡିବା ପାଇଁ ଟେଣ୍ଡର ଜାରି କରିଥିଲା । ଏଥିରେ ଆହମ୍ମଦାବାଦ ଦଳ ପାଇଁ ଆଦାନୀ ଗ୍ରୁପ ୫୧୦୦ କୋଟି ଏବଂ ଟୋରେ ଗ୍ରୁପ ୪୬୫୩ କୋଟି ଟଙ୍କାର ଟେଣ୍ଡର ଲଗାଇଥିଲେ ।

# ସାମସଙ୍ଗର ଆକର୍ଷଣୀୟ ରିହାତି ପାଇଁଏବେ ପ୍ରି-ବୁକ୍ ଆରମ୍ଭ

**ନୂଆଦିଲ୍ଲୀ ୨୦।୭:** ସାମସଙ୍ଗ ଯାହାକି ଭାରତର ଏକ ବୃହତ୍ ଗ୍ରାହକ ଇଲେକଟ୍ରୋନିକ୍ସ ବ୍ରାଣ୍ଡ, ଏହାର ଗାଲାକ୍ସି ବଡ୍ସ୩, ଗାଲାକ୍ସି ବଡ୍ସ୩ ପ୍ରୋ, ଗାଲାକ୍ସି ୱାଚ୍୭, ଗାଲାକ୍ସି ୱାଚ୍ ଅଲଟ୍ରା ସ୍ମାର୍ଟୱାଚ୍ ଗାଲାକ୍ସି ଏଆଇର କ୍ଷମତାକୁ ବର୍ଦ୍ଧିତ କରି ଅନେକ ଲୋକଙ୍କ ଜରିଆରେ ଏହାର ପିନ୍ଧିବା ଯୋଗ୍ୟ ଗଠନ ଉପରେ ସବୁଠାରୁ ଉ ?ମ ଅଭିଜ୍ଞତା ସମସ୍ତଙ୍କ ପାଇଁ ପ୍ରଦାନ କରୁଛି ।

ଗାଲାକ୍ସି ୱାଚ୍ ଅଲଟ୍ରା – ଗାଲାକ୍ସି ୱାଚ୍ ଫୋର୍ଟପୋଲିଓରେ ଏକ ନୂତନ ଶକ୍ତିଶାଳୀ ସାମଗ୍ରୀର ଯୋଗଦାନ ହୋଇଛି ଯାହାକି ଏକ ବଳିଷ୍ଠ ଅଭିଜ୍ଞତା ତଥା ପରବର୍ତ୍ତୀ ସ୍ତରର ଦକ୍ଷତା ପାଇଁ ତଥା ବିକଳ୍ପ ବୃଦ୍ଧିମାନ ତଥା ସକ୍ଷମତା ପାଇଁ ଗଠନ କରାଯାଇଛି । ଏହି ୱାଚ୍ ଅଲଟ୍ରାରେ ଏକ ନୂଆ କୁସନ ଦିଆଯାଇଛି ଯାହାକି ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବା ପାଇଁ ବର୍ଦ୍ଧିତ ସୁରକ୍ଷା ପାଇପାରିଛି । ଏହା ଟିଟାନିୟମ ଗ୍ରେଡ଼୪ ଫ୍ରେମ ତଥା ୧୦ ଏଟିଏମ ଜଳ ନିରୋଧି କୌଶଳ ସହିତ ଆସିଛି ଯାହାକି ଏକ ବିସ୍ତୃତ ସ୍ତରରେ ଏବଂ ଉଚ୍ଚ ଭାବଧାରାକୁ ନେଇ ତଥା ଅଗ୍ରଣୀ ସୁସ୍ଥ ଅଭିଜ୍ଞତା ପ୍ରଦାନ କରିପାରିବ ଯାହା ମଧ୍ୟରେ ରହିଛି ବିଶାଳ ସମୁଦ୍ରରେ ପହଁରିବା ତଥା ଅତ୍ୟନ୍ତ ଦୁର୍ଗମ ଅଂଚଳରେ ସାଇକେଲ □ଳନା ସମୟରେ ମଧ୍ୟ ଏହି ୱାଚ୍‌କୁ ବ୍ୟବହାର କରାଯାଇପାରିବ । ଏଥିରେ ରହିଥିବା ଏକ ନୂତନ କ୍ୟୁକ୍ ବଟନ ସହାୟତାରେ ଆପଣଙ୍କର ଆବଶ୍ୟକତା ମୁତାବକ କୌଣସି କାମକୁ ନିୟନ୍ତ୍ରଣ କରିବା ଏବଂ ଅନ୍ୟାନ୍ୟ କାମର ମାନଚିତ୍ରକୁ ଏଥିରେ ଦେଖିପାରିବେ । ଏହାଛଡ଼ା ଏଥିରେ ଏକ ଜରୁରୀ କାଳୀନ ସୁରକ୍ଷା ପ୍ରଦାନକାରୀ ସାଇରନ ରହିଛି ଯାହା ଜରୁରୀ ସମୟରେ ଉପଯୋଗୀ ହୋଇପାରିବ । ରହିଥିବା ୩୦୦୦ ନିଟ୍‌ସର ତୀକ୍ଷ୍ଣ ସ୍ୱଚ୍ଛତା ପାଇଁ ଗାଲାକ୍ସି ୱାଚ୍ ଅଲଟ୍ରା ମଧ୍ୟ ଦିବା ସ୍ୱର୍ଯ୍ୟାଲୋକରେ ଏଥିରେ ଦେଖିବାର ସୁବିଧା ମିଳିପାରିବ । ବହୁ ଦୂର ପର୍ଯ୍ୟନ୍ତ କାର୍ଯ୍ୟ ପାଇଁ ମନରେ ଶାନ୍ତି ଦେବା ଭଳିଆ ଗାଲାକ୍ସି ୱାଚ୍ ଅଲଟ୍ରାରେ ରହିଛି ଏକ ସବୁଠାରୁ ଦୀର୍ଘ ବ୍ୟାଟେରୀ ଜୀବନ ଯାହା ଗାଲାକ୍ସି ୱାଚ ଲାଇନ ଅଫରେ ରହିଛି ।

# କ୍ରିକେଟ୍ ପଡ଼ିଆରେ କୋକିଶିଆଳି

**ଲଣ୍ଡନ,୨୦।୭:** କ୍ରିକେଟ୍ ପଡ଼ିଆରେ ଅନେକ ଅଜବ ଘଟଣା ଘଟୁଥିବା ଦେଖିବାକୁ ମିଳିଥାଏ । ଅନେକ ଥର ମ୍ୟାଚ୍ ସମୟରେ ବିଲେଇ, କୁକୁର, ମାଙ୍କଡ ଏବଂ ସାପ ପଡ଼ିଆକୁ ପ୍ରବେଶ କରିଥାନ୍ତି । ବର୍ତ୍ତମାନ ପ୍ରଶଂସକମାନେ କ୍ରିକେଟ୍ ପଡ଼ିଆରେ ଏକ କୋକିଶିଆଳି ମଧ୍ୟ ଦେଖିଛନ୍ତି । ବାସ୍ତବରେ, ଇଂଲଣ୍ଡରେ ଭାଇଟିଲିଟି ଟି-୨୦ ବ୍ଲାଷ୍ଟ ଟୁର୍ନାମେ ଅନୁଷ୍ଠିତ ହେଉଛି । ଟି-୨୦ ବ୍ଲାଷ୍ଟ ଟୁର୍ନାମେ ର ଏକ ମ୍ୟାଚ୍ ସମୟରେ ଗୋଟିଏ କୋକିଶିଆଳି ପଡ଼ିଆରେ ପ୍ରବେଶ କରିଥିଲା । ଖେଳାଳିମାନେ ପଡ଼ିଆରେ କୋକିଶିଆଳି ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଏବଂ ଷ୍ଟାଣ୍ଡରେ ଉପସ୍ଥିତ ସମସ୍ତ ପ୍ରଶଂସକଙ୍କ ଧ୍ୟାନ ଏହା ଆଡକୁ ଯାଇଥିଲା ।



ଟି-୨୦ ବ୍ଲାଷ୍ଟ ଟୁର୍ନାମେରେ ହାମ୍ପସାୟର୍ ଏବଂ ସରେ ମଧ୍ୟରେ ହୋଇଥିବା ମ୍ୟାଚ୍ ସମୟରେ ଏହି ଘଟଣା ଘଟିଛି । ହାମ୍ପସାୟରର ଇନିଂସର ଷଷ୍ଠ ଓଭରରେ ହଠାତ୍ ଏକ କୋକିଶିଆଳି ପଡ଼ିଆରେ ପ୍ରବେଶ କରିଥିଲା । ଏହି କାରଣରୁ ମ୍ୟାଚ୍କୁ କିଛି ସମୟ ପାଇଁ ବନ୍ଦ କରିବାକୁ ପଡିଥିଲା । ସେତେବେଳେ ଟୋବି ଆଲବର୍ଟ ବୋଲିଂ କରୁଥିଲେ ଏବଂ କ୍ରିସ ଜୋର୍ଡାନ ବ୍ୟାଟିଂ କରୁଥିଲେ । ଭିଡିଓରେ ଦେଖିବାକୁ ମିଳୁଛି ଯେ ମ୍ୟାଚ୍ ସମୟରେ କୋକିଶିଆଳିଟି କିପରି ପଡ଼ିଆରେ ଦୌଡ଼ିବାରେ ଲାଗିଛି । ଏହା ପରେ କୋକିଶିଆଳି ଡେଇଁ ପଡ଼ିଆ ବାହାରକୁ ଚାଲି ଯାଇଥିଲା । କୋକିଶିଆଳି ଦେଖି ଦର୍ଶକ ହସିଥିଲେ । ଏହି ମ୍ୟାଚରେ ସାମ କୁରାନ୍ ଧୂଆଁଧାର ବ୍ୟାଟିଂ କରିଥିଲେ । ସେ ଏକୁଟିଆ ନିଜ ଦଳକୁ ବିଜୟ ଆଡକୁ ନେଇ ଯାଇଥିଲେ । ସରେ ପାଇଁ ଖେଳୁଥିବା ସାମ କୁରାନ୍ ୫୮ ବଲରେ ୧୦୨ ଅପରାଜିତ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । ୧୮୪ ରନ୍ର ଟାର୍ଗେଟର ପିଛା ସରେ ଦଳ ଏକ ସମୟରେ ୨୭ ରନ୍ରେ ୩ ୱିକେଟ୍ ହରାଇଥିଲା । ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ୱିଲ୍ ଜ୍ୟାକ୍ (୦୬), ଲେରୀ ଇଭାନ୍ସ (୦୮) ଏବଂ ରୋରୀ ବର୍ନସ୍ (୦୭) ଶୀଘ୍ର ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ । ଏହା ପରେ, ସାମ କୁରାନ୍ ଗୋଟିଏ ମୁଣ୍ଡରେ ବ୍ୟାଟିଂ ବଜାୟ ରଖିଥିଲେ ଏବଂ ଏକୁଟିଆ ଦଳକୁ ବିଜୟ ଆଡକୁ ନେଇଥିଲେ । ଏହି ମ୍ୟାଚକୁ ସରେ ୫ୱିକେଟରେ ଜିତିଥିଲା । ଟି-୨୦ ରେ ଏହା ସାମ କୁରାନ୍ଙ୍କର ପ୍ରଥମ ଶତକ ଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ